ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.113 Bhubaneswar Tuesday June 14 2022 | ୨୫ତମ ବର୍ଷ ସଂଖ୍ୟା–୧୧୩ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ବିରୁଦ୍ଧରେ କଂଗ୍ରେସର ଧାରଣା





ଭୁବନେଶ୍ୱର, ୧୩।୬(ପି.ଏନ): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ ଦ୍ୱାରା ପଚରା ଉଚୁରା ପାଇଁ ଡକାଯିବାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ଦିନ ଭୁବନେଶ୍ୱରରେ ଇଡି କାର୍ଯ୍ୟାଳୟ ସାମନରେ ଧାରଣା ଦିଆଯାଇଛି । ପ୍ରଦେଶ କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ଶରତ ପଟ୍ଟନାୟକ ଏହାର ନେତୃତ୍ୱ ନେଇଛନ୍ତି । ଏହି ସମୟରେ କଂଗ୍ରେସ କର୍ମୀ ମାନେ ମୋଦୀ ସରକାର ହାୟ ହାୟ , ବିଜେପି ସରକାର ହାୟ ହାୟ ନାରା ଦେଉଥିବା ଦେଖିବାକୁ ମିଳିଥିଲା ।ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାର କଂଗ୍ରେସ ଦଳର ନେତାଙ୍କ ବିରୁଦ୍ଧରେ ହୀନ ଚକ୍ରାନ୍ତ କରୁଛନ୍ତି । ଏହା ଦ୍ୱାରା କଂଗ୍ରେସ ଦଳ ଡରି ଯିବ ବୋଲି ବିଜେପି ଭାବୁଛି । ଗାନ୍ଧୀ ପରିବାର ହେଉଛି ଦେଶର ନେତା । ରାହୁଲ ଗାନ୍ଧୀ କଂଗ୍ରେସର ନେତା । ଆଜି ଓଡିଶାର ସମସ୍ତ କାର୍ଯ୍ୟକର୍ତା ରାହୁଲ ଗାନ୍ଧୀ ସହ ଠିଆ ହୋଇଛନ୍ତି ।ଉପସ୍ଥିତ କଂଗ୍ରେସ ନେତୃବର୍ଗ ଓ କଂଗ୍ରେସ କର୍ମୀମାନଙ୍କୁ ଇଡି ଅଫିସ ଆଗରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଯେଉଁ ଗାନ୍ଧୀ ପରିବାର ଭାରତବର୍ଷକୁ ଶକ୍ତିଶାଳି କରିବାପାଇଁ ସବୁକିଛି ବଳିଦାନ ଓ ତ୍ୟାଗ କରିଛନ୍ତି, ଯେଉଁମାନେ ଭାରତବର୍ଷକୁ ସ୍ୱାଧୀନ କରିବାପାଇଁ ସାରା ଜୀବନ ବିଦେଶୀ ଶତ୍ରୁଙ୍କ ବିରୋଧରେ ଲଢ଼ିଛନ୍ତି ଏବଂ ଭାରତବର୍ଷରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେ ଭାରତ ବର୍ଷକୁ ଗଠନ କରିବାରେ ମୁଖ୍ୟ ଭୂମିକା ନେଇଥିବା ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ପ୍ରମୁଖ ନେତା ଥିଲେ। ଯେଉଁ ନେସନାଲହେରାଲ୍ଡ ଖବରକାଗଜର ମନିଲଣ୍ଡରିଂ କଥା କୁହାଯାଉଛି ତାହା ସଂପୂର୍ଣ୍ଣ ଭିତିହିନ କାରଣ ଏଥିରେ କୌଣସି ଅର୍ଥର କାରବାର ହୋଇନାହିଁ କିମ୍ବା ଏହି ଅର୍ଥ କାରବାର ଯୋଗୁଁ ଗାନ୍ଧୀ ପରିବାରର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଏଥିରୁ ଉପକୃତ ହୋଇନାହାନ୍ତି ବା ଅଧିକ ଅର୍ଥ ଉପାର୍ଜନ କରିନାହାନ୍ତି । ତେଣୁ ଯେଉଁ ଘଟଣାରେ ମନିଲଣ୍ଡରିଂ ହୋଇନାହିଁ ସେଭଳି ଏକ ମିଛ କେସ ଇଡି କିପରି କଲା, କାହିଁକି କଲା ଓ କାହା ଉଦ୍ଦେଶ୍ୟ ସାଧନ କରିବାପାଇଁ କଲା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ ଯେ ଗାନ୍ଧୀ ପରିବାରର ବଳିଦାନରେ ଆଜି ଏ ଦେଶ ଶଶକ୍ତ। ଏହା ପୂର୍ବରୁ ରାଜୀବ ଗାନ୍ଧୀଙ୍କ ନାମରେ ବୋଫର୍ସ କେସ କରାଯାଇଥିଲା ଆଜି ପର୍ଯ୍ୟନ୍ତ ତାହା ପ୍ରମାଣ ହୋଇପାରିଲା ନାହିଁ। ଗାନ୍ଧୀ ପରିବାର ମୋଦିଙ୍କର ଏଭଳି ମିଛି କେସରେ ଡରିବାର ନାହିଁ। ଏହି ପ୍ରତିବାଦ ସଭାରେ କଂଗ୍ରେସ ଦଳର ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ଦାସରଥି ଗମାଙ୍ଗୋ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ସସ୍ମିତା ବେହେରା, ଯୁଧିଷ୍ଠୀର ଜେନା, ସୁରେଶ କୁମାର ମହାପାତ୍ର, ଶିବାନନ୍ଦ ରାୟ, ଅନନ୍ତ ସେଠୀ, ନକୁଳ ନାୟକ, ନବଜ୍ୟୋତି ପଟ୍ଟନାୟକ, ଲୋକନାଥ ମହାରଥି, ୟାସିର ନୱାଜ, ସ୍ମୃତି ରଞ୍ଜନ ଲେଙ୍କା, ବିଶ୍ୱ ରଞ୍ଜନ ମହାନ୍ତି, ଦେବାଶିଷ ପଟ୍ଟନାୟକ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ପ୍ରଶାନ୍ତ ଶତପଥି, ଅଭିଷେକ ମହାନନ୍ଦ, ନରେଶ ମହାନ୍ତି ପ୍ରମୁଖ ବହୁ ଛାତ୍ର, ଯୁବ, ମହିଳା କଂଗ୍ରେସ କର୍ମୀଙ୍କ ସମେତ ସସସ୍ତ ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତା ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
## ରଜ ଶୁଭେଚ୍ଛା

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

DADLS-23
15001/13/0063/2223


### ଶପଥ ନେଲେ ବ୍ରଜରାଜନଗର ବିଧାୟିକା

ଭୁବନେଶ୍ୱର, ୧୩।୬(ପି.ଏନ): ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି ସୋମବାର ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୋମବାର ପୂର୍ବାହ୍ନରେ ବିଧାନସଭା ସ୍ଥିତ ନିଜ ଚ୍ୟାମ୍ବରରେ ଶ୍ରୀମତୀ ମହାନ୍ତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏହି ଅବସରରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ , ମନ୍ତ୍ରୀ ରୀତା ସାହୁ , ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ଅଳକାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ନିକଟରେ ଅନୁଷ୍ଠିତ ବ୍ରଜରାଜନଗର ଉପ ନିର୍ବାଚନରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଅଳକା ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି ।

### ଆଜି ପହିଲି ରଜ

ଭୁବନେଶ୍ୱର, ୧୩।୬(ପି.ଏନ): ଆଜି ଶେଷ ହୋଇଛି ସଜବାଜ ରଜ। ଆସନ୍ତା କାଲି ପହିଲି ରଜ। ରଜ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ରଜ ଦୋଳି ସାଙ୍ଗକୁ, ପିଠାପଣା ଓ ପାନର ମହକ ଆଜିଠୁ ଜମିଲାଣି ରଜପର୍ବ। ୨ବର୍ଷର କୋଭିଡ ମହାମାରୀ ପରେ ଚଳିତବର୍ଷ ବିନା କଟକଣାରେ ବେଶ ଆଡମ୍ବରରେ ପାଳନ କରାଯିବ ରଜ। ରଜ ପାଇଁ ବିଭିନ୍ନ ସ୍ଥାନରେ ବିଶେଷ ଉତ୍ସବର ଆୟୋଜନ କରାଯାଇଛି।

## ଓଡ଼ିଶା ବିଧାନସଭାର ନୂତନ ବାଚସ୍ପତି ଭାବେ ନିର୍ବାଚିତ ହେଲେ ବିକ୍ରମ କେଶରୀ ଆରୁଖ

ଭୁବନେଶ୍ୱର, ୧୩।୬(ପି.ଏନ): ବିକ୍ରମ କେଶରୀ ଆରୁଖ ଓଡ଼ିଶା ବିଧାନସଭାର ନୂତନ ବାଚସ୍ପତି ନିର୍ବାଚିତ ହୋଇଛନ୍ତି। ସେ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଆରୁଖଙ୍କୁ ବାଚସ୍ପତି ଭାବେ ଘୋଷଣା କରିଛନ୍ତି ଉପବାଚସ୍ପତି ରଜନୀକାନ୍ତ ସିଂ। ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକ୍ରମ କେଶରୀ ଆରୁଖଙ୍କ ନାମ ପ୍ରସ୍ତାବ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହା ପରେ ବିକ୍ରମ କେଶରୀ ଘୋଷଣା କରାଯାଇଛି। ତାପରେ ବିକ୍ରମ କେଶରୀ ଆରୁଖ ନୂତନ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ ବାଚସ୍ପତି ପଦ ପାଇଁ ସରକାରଙ୍କୁ ବିରୋଧୀ ଦଳ ସହିତ ଆଲୋଚନା କରିଥିଲେ ଗଣତନ୍ତ୍ର ପାଇଁ ଭଲ ହୋଇଥାନ୍ତା । ସୋମବାର ଦିନ ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ନିର୍ବାଚନ ପରେ ଗୃହ ମୁଲତବୀ ରହିଛି। ଉଲ୍ଲେଖନୀୟ ଯେ ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗତ ୪ ତାରିଖରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ବିଜେଡି ପକ୍ଷରୁ ବାଚସ୍ପତି ପ୍ରାର୍ଥୀ ଭାବେ ବିକ୍ରମ କେଶରୀ ଆରୁଖଙ୍କ ନାମ ଘୋଷଣା କରାଯାଇଥିଲା। ଶ୍ରୀ ଆରୁଖ ଗତ ୧୦ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଯେହେତୁ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି, ତେଣୁ ସେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଯାଇଥିଲା । ଅଧିବେଶନରେ ଏ ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଶ୍ରୀ ଆରୁଖଙ୍କୁ ବାଚସ୍ପତି ଭାବେ ବିଧିବଦ୍ଧ ଘୋଷଣା କରାଯାଇଛି। ପ୍ରକାଶଯୋଗ୍ୟ ଯେ ୧୯୯୫ ମସିହାରୁ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ କ୍ରମାଗତ ବିଧାୟକ ହୋଇ ଆସୁଥିବା ଶ୍ରୀ ଆରୁଖ ୨୦୦୮–୦୯ରେ ଶାସକ ଦଳର ମୁଖ୍ୟ ସଚେତକ, ୨୦୦୯–୧୨ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ଏବଂ ଆଇନ ମନ୍ତ୍ରୀ, ୨୦୧୨–୧୪ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ, ସମବାୟ ମନ୍ତ୍ରୀ, ୨୦୧୪–୧୬ ପର୍ଯ୍ୟନ୍ତ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ୨୦୧୬ରୁ ୨୦୧୭ ପର୍ଯ୍ୟନ୍ତ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ, ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ, ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଏବଂ ୨୦୧୯ରୁ ୨୦୨୨ ଜୁନ ୪ ତାରିଖ ପର୍ଯ୍ୟନ୍ତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ରାଜ୍ୟ ବିଧାନସଭାର ବହୁ ଗୁରୁତ୍ୱପୂର୍ଣ୍ଣ କମିଟିର ଅଧକ୍ଷ ଏବଂ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି ।

## ମାହାଙ୍ଗା ଡବଲ ମର୍ଡର ମାମଲା: ୨୦ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୬(ପି.ଏନ): ମାହାଙ୍ଗା ଡବଲ ମର୍ଡର ମାମଲାରେ ତଦନ୍ତକାରୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ସାଲେପୁର ଜେଏମଏଫସି କୋର୍ଟ । ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାରେ ବିଳମ୍ବ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ୨୦ ତାରିଖ ସୁଦ୍ଧା ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦେବାକୁ ଜେଏମଏଫସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୧ ଜାନୁଆରୀ ୨ ତାରିଖରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଘଟଣାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିଲା।




## ରଜ ଶୁଭେଚ୍ଛା

ରଜ ଉପଲକ୍ଷେ ବଡ଼ଚଣା–ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ମା' ଓ ଝିଅମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା–ଧର୍ମଶାଳା, ଯାଜପୁର, ଓଡ଼ିଶା


## ଆଜି ସ୍ନାନପୂର୍ଣ୍ଣମୀ ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ, ୧୩।୬(ପି.ଏନ): ମଙ୍ଗଳବାର ପବିତ୍ର ସ୍ନାନପୂର୍ଣ୍ଣମୀ । ସ୍ନାନବେଦିରେ ବିରାଜମାନ କରିବେ ଚତୁର୍ଦ୍ଧାମୂର୍ତି । ୧୦୮ ବଡୁ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବେ ଚତୁର୍ଦ୍ଧାମୂର୍ତି । ପ୍ରଭୁ ରତ୍ନସିଂହାସନରୁ ପହଣ୍ଡି ହୋଇ ସ୍ନାନମଣ୍ଡପକୁ ବିଜ କରିବେ । ବଡ଼ଦାଣ୍ଡରୁ ଭକ୍ତ ଦର୍ଶନ କରିବେ ଚତୁର୍ଦ୍ଧାମୁର୍ତିଙ୍କୁ । କରୋନ କଟକଣା ଯୋଗୁ ଦୁଇବର୍ଷ ଧରି ଭକ୍ତମାନେ ଦର୍ଶନରୁ ବଞ୍ଚିତ ହୋଇଥିଲେ । ଚଳତିବର୍ଷ ସିଧାସଳଖ ମହାପ୍ରଭୁଙ୍କୁ ଦର୍ଶନ କରବେ ଭକ୍ତ। ସ୍ନାନବେଦିରେ ମହାପ୍ରଭୁଙ୍କ ଆକର୍ଷଣୀୟ ହାତୀବେଶ ଅନୁଷ୍ଠିତ ହେବ। ସ୍ନାନବେଦି ଚାରିପଟ ଆଲୋକମାଳାରେ ସଜ୍ଜିତ କରାଯାଇଛି । ସୁସଜ୍ଜିତ ଭାବେ ଚାନ୍ଦୁଆରେ ଛାମୁଣ୍ଡିଆ କରାଯାଇଛି। ବର୍ଷକରେ ଗୋଟିଏ ଦିନ ମହାପ୍ରଭୁ ରତ୍ନସିଂହାସନ ଛାଡ଼ି ସ୍ନାନବେଦିକୁ ବିଜେ କରିବେ । ଶ୍ରୀବିଗ୍ରହଙ୍କ ମାନବୀୟ ଲୀଳାର ପ୍ରମୁଖ ପର୍ବ ଭାବେ ସ୍ନାନପୂର୍ଣ୍ଣମୀ ପାଳିତ ହେଉଛି । ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତ ଗହଳିକୁ ନିୟନ୍ତ୍ରିତ କରିବା ବ୍ୟାରିକେଡଟ କରାଯାଇଛି । ସ୍ନାନମଣ୍ଡପକୁ ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ କରାଯାଇଛି । ମାର୍କେଟ ଛକ ଠାରୁ ଭକ୍ତ ସେଡ଼ ପର୍ଯ୍ୟନ୍ତ ବ୍ୟାରିକେଟ କରାଯାଇଛି। ବ୍ୟାରିକେଟ ଉପରେ ଧଳ ଓ ନାଳି ରଙ୍ଗର କପଡ଼ା ଆଚ୍ଛାଦିତ ହୋଇଛି । ଭକ୍ତଙ୍କ ଗୁହାରି ଶୁଣି ପ୍ରଭୁ ହାତୀ ବେଶ ହୋଇଥିବା କଥିତ ଅଛି । ଏହିବେଶ ଦର୍ଶନ କଲେ ଅନେକ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।


## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ଭୀମସେନ ଓଝା

ବାରିଗାଁ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ : ୨୪ ଅଗଷ୍ଟ ୧୯୩୮
ତିରୋଧାନ:୧୫ ଜୁନ ୨୦୨୦

ପବିତ୍ର ରଜସଂକ୍ରାନ୍ତିରେ ଆପଣଙ୍କ ଆକସ୍ମିକ ଦେହାବସାନ ପାଇଁ ସମସ୍ତେ ମର୍ମାହତ। ଆଜି ଦ୍ୱାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ପତ୍ନୀ- ରଶ୍ମିରେଖା, ପୁତ୍ର- ତରୁଣ, ଅରୁଣ, ପୁତ୍ରବଧୂ- ମିନତୀ, ମମତା, କନ୍ୟା-ବୀଣା, ମନ୍ଦାକିନୀ, ପଙ୍କଜିନୀ, ଜ୍ୱାଇଁ- ରମେଶ, ଉପେନ୍ଦ୍ର, ନାତି ନାତୁଣୀ- ସୌମ୍ୟରଞ୍ଜନ, ସତ୍ୟ କୁମାର, ସିଦ୍ଧାର୍ଥ, ଆଦିତ୍ୟ, ସୋନାଲି, ଅମୃତା, ଶିକ୍ଷା, ଅନନ୍ୟା, ମନୀଷା ଓ ଶୋକସନ୍ତପ୍ତ ପରିବାର ବର୍ଗ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ୍ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ । |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି । |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ôଥକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ । |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ । |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ । |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ । |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ । |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ । |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ । |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ । |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ । |

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଋଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଜୁନ୍ ୧୪**

# ସମାଜର ପଥଭ୍ରଷ୍ଟଙ୍କ ପାଇଁ ପ୍ରଶ୍ନବାଚୀ ?



୧୬୧୮ଟି ଭାଷାଭାଷୀ ଜନତା ଓ ୧୧ଟି ପ୍ରମୁଖ ବିଶ୍ୱଧର୍ମକୁ ନେଇ ତଥା ଏହି ଭିନ୍ନତା ଭିତରେ ସ୍ୱାଧୀନତାର ୭୫ବର୍ଷ ଭିତରେ ଆମେ ଅନ୍ତତଃ ଐକ୍ୟଭାବେ ନିଜର ଜୀବନ ନିର୍ବାହ କରିପାରିଛୁ। ମାତ୍ର ଦୁଃଖର ବିଷୟ ବର୍ତମାନ ସମଗ୍ର ବିଶ୍ୱ ତଥା ଏ ଭାରତର ଭୂଖଣ୍ଡ ଅସରନ୍ତି, ଅମାପ, ଅସହିଷ୍ଣୁତାର ସମସ୍ୟାରେ ଥରହର। ବେଦନାସିକ୍ତ, ଯନ୍ତ୍ରଣା ପ୍ରାପ୍ତ, ଅସୁରକ୍ଷିତ ଆଉ ବାଦବିବାଦରେ ବିଭେଦଗ୍ରସ୍ତ। ମନୁଷ୍ୟକୃତ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଂଚଳ, ଭାଷାରେ ପରିପୂର୍ଣ୍ଣ ଆମର ଏ ହିନ୍ଦୁସ୍ଥାନ। ମାତ୍ର ଆଜି ଏଠାରେ ପ୍ରତି ମୁହୂର୍ତରେ ଚାଲିଛି ନରସଂହାର, ରାହାଜାନୀ, କୌଣସି ନା କୌଣସି ପରିଧିରେ ନିଜର ଆତ୍ମବଡିମା ତଥା ସତା ପାଇଁ। ଏହି କାରଣରୁ ଏ ସ୍ୱର୍ଣ୍ଣପ୍ରସୂ ଭାରତ ବହୁଭାଗରେ ବିଭକ୍ତ। ଆର୍ଯ୍ୟ, ଅନାର୍ଯ୍ୟକୁ ନେଇ ବିଭାଜିତ। କ୍ଷୁଧା, ଅନାହାର, କୁପୋଷଣ, ଅପୁଷ୍ଟିକର ଖାଦ୍ୟାଭାବ କାରଣରୁ ପ୍ରତି ମୁହୂର୍ତରେ ଜନସାଧାରଣଙ୍କ ମୃତ୍ୟୁ ଘଟୁଛି। ବେକାରୀ, ଦୁରାଚାରୀ, ନିଶାବେପାରୀ, କପଟାଚାରୀ ଶୋଷଣକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି ପ୍ରବଳ ବେଗରେ। ପ୍ରତି ତିରିଶ ଘଂଟାରେ ଜଣେ ଅରବପତି ସୃଷ୍ଟି ହେଉଥିବାବେଳେ ପ୍ରତି ୩୩ ଘଂଟାରେ ୧୨ ଲକ୍ଷ ଗରିବ ହେବାରେ ଲାଗିଛନ୍ତି। ଅଧୋଗତି ବଢିବା ସାଙ୍ଗକୁ ସତାଧାରୀମାନଙ୍କ ଅହଙ୍କାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ନୀତି, ନୈତିକତା, ଦୟା, ଅନୁକମ୍ପା, ତ୍ୟାଗ, ସେବା ମନୋଭାବ ପ୍ରାୟ ସମସ୍ତଙ୍କ ହୃଦୟରୁ ଅପସରି ଯିବାରେ ଲାଗିଛି। କଳାଟଙ୍କାର ପାହାଡ ଉପରେ ବସି ଆଜିର କଳାବେପାରୀ ସାଙ୍ଗକୁ ପ୍ରଶାସକମାନେ ଆଇନକୁ ଆଖିଠାର ମାରି ଚାଲିଛନ୍ତି। ସେବକ ବଦଳିଯାଇଛି ସେବ୍ୟର ମାନ୍ୟତାରେ। ଜାତୀୟତାର ସଂଜ୍ଞା ଏବେ ବିପନ୍ନ। ଧର୍ମକୁ ନେଇ ଧର୍ମାନ୍ଧତା, ଜାତିକୁ ନେଇ ବାଛନ୍ଦ, ବର୍ଣ୍ଣକୁ ନେଇ ବିଭକ୍ତିକରଣ, ଭାଷାକୁ ନେଇ ଆନ୍ଦୋଳନ। ଯୋଗ୍ୟତା ବଛାଯାଉଛି ପ୍ରିୟାପୀତିରେ। ପ୍ରେମ ପ୍ରୀତିର ସଂଜ୍ଞା ବଦଳିଛି ପ୍ରତାରଣାରେ। ଆତ୍ମକୈନ୍ଦ୍ରିକ ମାନସିକତା ଯୋଗୁ ପରିବାର ଆଜି ନଷ୍ଟଭ୍ରଷ୍ଟ। ମୌଳିକତା ହରାଉଛି ଆଧ୍ୟାତ୍ମିକ ବିଜ୍ଞାନ। ବ୍ୟକ୍ତିଗତ ଚରିତ୍ର ଆଜି ବଦଳିଯାଉଛି ରୁଗ୍ଣ ମାନସିକତାରେ। ସ୍ୱାସ୍ଥ୍ୟସେବା ଆଜି ବିପନ୍ନ, ଯାହା ଆଜି ମଧ୍ୟ ପହଂଚିପାରୁନି ଅଧାରୁ ଅଧିକ ସାଧାରଣ ଜନତାଙ୍କ ପାଖରେ। ଦେହ ବିକ୍ରି କରୁଛନ୍ତି ମା'ମାନେ ପେଟ ବିକଳରେ। କେବଳ ସେତିକି ନୁହେଁ ପେଟର କ୍ଷୁଧା ମେଂଟାଇବା ପାଇଁ ଜନ୍ମିତ ଶିଶୁକୁ ମଧ୍ୟ ଅନ୍ୟକୁ ଟେକିଦେବା ପାଇଁ ଭୃକ୍ଷେପ କରୁନାହାଁନ୍ତି। କୃଷିଜୀବିମାନେ ଏବେ ଦାଦନ ସାଜିଲେଣି। କଷ୍ଟଉପାର୍ଜିତ ମନୁଷ୍ୟମାନଙ୍କ ଶ୍ରମ ଟଙ୍କାରେ ଅଣୁ ଅସ୍ତ୍ରରେ ଖର୍ଚ୍ଚ ହେଉଛି ଏହି ଅର୍ବୁଦ ପରିମାଣର ଅର୍ଥ। ମଣିଷ ତିଆରି କାରଖାନାରେ ତତ୍ୱାବଧାରକ, ଗୁରୁ, ଶିକ୍ଷକ, ଅଧ୍ୟାପକ ରାଜନୀତିରେ ସଂଶ୍ଳିଷ୍ଟ ହେବାସହ ଏବେ ଗୋତି ଶ୍ରମିକ। ଚତୁର, ଗଳିପୋଷା ଶିକ୍ଷକ ଅଧ୍ୟାପକମାନେ ଘରୋଇ ପାଠଶାଳାରେ କାର୍ଯ୍ୟରତ। ଆଜି ମଣିଷଟିଏ ହେବାପାଇଁ ମଣିଷଛୁଆ ବିମୁଖ। ମାଗଣାରେ ବଂଟାଚାଲିଛି ଅଶିକ୍ଷା, କୁଶିକ୍ଷା। କୋଟି ଓଡ଼ିଆର ମଉଡ଼ମଣୀ ଜଗନ୍ନାଥ ଆଜି ଅସହାୟ। ସେ ଆଜି କୋଣଠେସା। ବିଦେଶୀ ପୁଂଜି ଲାଗୁଛି ସ୍ୱଦେଶୀ ଅନୁଷ୍ଠାନରେ। ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଯନ୍ତ୍ରୀ ଆଜି ଠିକାଦାରଙ୍କ ପର୍ଯ୍ୟବେକ୍ଷକ। ଜନପ୍ରତିନିଧି ଆଜି ଲକ୍ଷ୍ୟହୀନ, ଅପରାଧୀ, ଅଭିଯୁକ୍ତ, ଚରିତ୍ରହୀନ ତଥା ଲାଂଚଖୋର ଓ ନିଶାଖୋର। ଉପରୋକ୍ତ ସମସ୍ୟାକୁ ନେଇ ଆଜିର ଦରିଦ୍ର, ଅବହେଳିତ, ଦୁଃସ୍ଥ, ପତିତ, ନିର୍ଯାତିତ ଜନତା ଜନାର୍ଦ୍ଦନ। ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୋଟିଏ ଯୋଜନା ମାତ୍ର ସମୟାନୁସାରେ ଗୋଟିଏ ପୂରଣ ହୁଏନା। ସାମ୍ୟବାଦ, ସମାଜବାଦ କଥା କହୁଥିବା ବ୍ୟକ୍ତି ଆଜି ଶିଥିଳତା, ସ୍ଥିରତା ଆଡକୁ ଅଗ୍ରସର। ଗଣମାଧ୍ୟମ ଆଜି ବିଶେଷଭାବରେ ସାମାଜିକ ସମସ୍ୟାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା କରିବା ପାଇଁ କୁଣ୍ଠାବୋଧ ଏବଂ ନିରୁତ୍ସାହିତ ଅନେକ କାରଣରୁ ଯାହା କହିବାପାଇଁ ଲାଜ ଲାଗୁଛି। ଗଣତନ୍ତ୍ର ଆଜି ଗଣଚେତନାଠୁ ଅଲଗା। ଧର୍ମାନ୍ଧ କାମାନ୍ଧମାନଙ୍କ ଦ୍ୱାରା ଧର୍ଷିତା। ଧର୍ମର ଦୁହା ଦେଇ ଧର୍ମାନ୍ଧ ଗୁରୁମାନେ ନିଜର ବଡପଣିଆ ଜାହିର କରିବାରେ ବ୍ୟସ୍ତ। ଯେଉଁ ଯୁଦ୍ଧ କଦାକାଳକୁ ଶୁଭଙ୍କରୀ ନୁହେଁ ଆଜି ସେ ଯୁଦ୍ଧ ଘଟିଚାଲିଛି ନିଜର କ୍ଷମତା, ପ୍ରଭୁତ୍ୱ ଓ ବିସ୍ତାର ପ୍ରକ୍ରିୟାକୁ ନେଇ। ଏହି ଯୁଦ୍ଧକୁ ଆହୁରି ତୀବ୍ର ଓ ସାଂଘାତିକ କରିବା ପାଇଁ ସବୁଦେଶ ନିଜର ସୁରକ୍ଷା ତଥା ପତିଆରା ପାଇଁ ଗୋଳା, ବାରୁଦ, କମାଣ, ଅଣୁ, ପରମାଣୁ ବୋମା ଏବଂ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ର ପ୍ରସ୍ତୁତି କରିବାରେ ଲାଗିଛନ୍ତି। ଏଥିପାଇଁ କିଏ ଦାୟୀ ? ଏ ପ୍ରଶ୍ନ ଉପରେ କେହି କେବେ ଆଲୋଚନା କରୁନାହାଁନ୍ତି। ଆଜିର ଆଣବିକ ଯୁଗରେ ନିରସ୍ତ୍ରୀକରଣ ଏକାନ୍ତ କାମ୍ୟ। ଏଥିପାଇଁ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେବା ଅର୍ଥ ମାନବଜାତିର ଧ୍ୱଂସକୁ ନିମନ୍ତ୍ରଣ କରିବା। ସଭ୍ୟତାର ବିକାଶ ପୂର୍ବରୁ ଆଦିମାନବ ଯୁଦ୍ଧ କରୁଥିଲା ନିଜର ଖାଦ୍ୟ ପାଇଁ; ମାତ୍ର ଆଜିର ବିକାଶଶୀଳ ସଭ୍ୟତାରେ ମଣିଷ ଯୁଦ୍ଧ କରୁଛି ସଭ୍ୟତା ତଥା ତାର କ୍ଷମତାର ବିସ୍ତାର ପାଇଁ। "ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି" ଆଜି ମୂଲ୍ୟହୀନ। ପ୍ରମୁଖ ଧର୍ମର ବାର୍ତା ଏକ ବୋଲି ଗୀତା, ଭାଗବତ, ରାମାୟଣ, ବେଦ, ପୁରାଣ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ ସାହେବ ମାନି ନେଇଥିବା ବେଳେ ବିଶେଷଭାବରେ ଆଲ୍ଲା, ରାମ, ଯୀଶୁ, ଈଶ୍ୱରଙ୍କ ଭିତରେ କେବେ ମତଭେଦ ନଥିବାବେଳେ ସେଇ ଗ୍ରନ୍ଥକୁ ମାନୁଥିବା ଓ ପାଳୁଥିବା ମଣିଷମାନଙ୍କ ଭିତରେ କାହିଁକି ଏ ମତଭେଦ ? ଗୋଟିଏ ଦୃଷ୍ଟି ହେଉଛି ମଣିଷପଣିଆ। ଏହା ସର୍ବଗ୍ରନ୍ଥର ମାନ୍ୟତା, ମହାନତା। ଏହା ଯଦି ସର୍ବମୟ କର୍ତାଙ୍କ ବାଣୀ, ସବୁ ଧର୍ମର ମର୍ମ, ସବୁ ଶାସ୍ତ୍ରର ସମ୍ମତ ତେବେ ଜାତି, ଧର୍ମ, ବର୍ଣ୍ଣ, ଅଂଚଳ, ଭାଷାକୁ ନେଇ ଏତେ ବୈଷମ୍ୟ କାହିଁକି ? ସମାଜରେ କିଏ ସୃଷ୍ଟି କରୁଛି ଏ ଅରାଜକତା ? ଏ ସମସ୍ୟାର କ'ଣ ସମାଧାନ ନାହିଁ ? ଆଜି ପ୍ରତ୍ୟେକ ମାନବଜାତି କୁହନ୍ତୁ ମଣିଷକୁ ତା'ର ବାୟୁରେ ଅମ୍ଳଜାନ ଦରକାର ନା କୁବେର ସମ୍ପତି ଦରକାର ? ସ୍ୱାଧୀନ ଚେତନାରେ ରହିବା ଦରକାର ନା ମାଗିଖିଆ ହୋଇ ପର ଅଧୀନରେ ରହିବା ଦରକାର ? ଧର୍ମକୁ ବଂଚାଇବା ପାଇଁ ପ୍ରକୃତ ଧାରା ନା ଆତ୍ମବଡିମାରେ ବିଶ୍ୱବିଜୟୀର ଚିନ୍ତାଧାରା। ପୃଥିବୀକୁ ବଦଳାଇ ଦିଆଯାଉ ମାନବ ଧର୍ମରେ। ଗୋଟିଏ ଭାଷା ହେଉ "ବସୁଧୈବ କୁଟୁମ୍ବକମ୍"। ମଣିଷକୁ ମଣିଷ ପରି ଗଢିବା ଲାଗି ପ୍ରକୃତ ମଣିଷ ତିଆରି କାରଖାନାର ସୃଷ୍ଟି ହେଉ। ପ୍ରତ୍ୟେକ ପ୍ରତ୍ୟେକଙ୍କ ଦୁଃଖ ଯନ୍ତ୍ରଣାକୁ ବାଂଟିନେଇ ସମାଜ ପାଇଁ କାମ କରିଲେ ହସି ଉଠିବ ଏ ସମାଜ, ହସି ଉଠିବ ଭାରତ ତଥା ବିଶ୍ୱ।

**ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

*ବେଦାନ୍ତ ଶାସ୍ତ୍ର ମନୁଷ୍ୟର ପ୍ରକୃତ ପରିଚୟ ଓ ସ୍ଥାୟୀ ଠିକଣା ସମ୍ବନ୍ଧରେ ସୂଚନା ଦିଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ

**ଅକ୍ଷୟ କୁମାର ରାଉତ**





ବିଚିତ୍ର ଏ ପୃଥିବୀ। କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି। ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୟେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ। ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ। ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ। ଏହି ସବଳ ବ୍ୟକ୍ତିମାନେ ଦୁର୍ବଳମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନା ଚରିତାର୍ଥ କରନ୍ତି। ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର। ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ। ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଏହିପରି ଏକ ଘଡିସନ୍ଧି ମୁହୂର୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ। ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ। ଫକୀର ମୋହନଙ୍କର ପିତୃମାତୃଦତ ନାମ ଥିଲା ବ୍ରଜମୋହନ। ଦୁଃସାଧ୍ୟ ରୋଗରେ ପୀଡିତ ହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ। ବ୍ରଜମୋହନ ହେଲେ ଫକୀରମୋହନ।

ବଡବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ। ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ। ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ। ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ। ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ। ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇ ନ ପାରି ପାଠପଢ଼ା ଛାଡି ଦେଲେ। ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ। ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଂଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ। ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ ହେଲେ (ଖ୍ରୀ.ଅ. ୧୮୬୪)। ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା। ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ। ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀର ମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ- "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"।

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ। ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ।

"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍।"

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀର ମୋହନ ବଙ୍ଗଳା ପଢ଼ାଉଥିଲେ। ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତି ଦେଲେ। କିନ୍ତୁ ଏହି କାର୍ଯ୍ୟରେ ଲେଖାପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରିଆସିଲେ। ବିଦ୍ୟାଳୟର ସମ୍ପାଦକ ଇ.ସି.ବି. ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ। ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ। ହାଲମ ସାହେବ ଫକୀର ମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ। ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା। ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତି କରିପାରୁ ନ ଥିଲେ। ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୁଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ। ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା। ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରି ନ ଥିଲେ। ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା। ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ। ଦେଶବାସୀଙ୍କ ସାଂଘାତିକ ଦୁରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇପଡିଥିଲେ। ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ। ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା। ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଂଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା। କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା। ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ। ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା। ଏହିସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ। ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ। ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ। ଫକୀର ମୋହନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା'। ଏହି ପତ୍ରିକାରେ ଫକୀର ମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ, ଏହି ମର୍ମରେ 'ଉଡିଆ ସ୍ୱତନ୍ତ ଭାଷା ନୟ' ନାମରେ ଏକ ପୁସ୍ତକ ଲେଖିଥିଲେ। ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳ କରି ଓଡିଆ ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ। ବାଲେଶ୍ୱରରୁ ଫକୀର ମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ- "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ।" ଫକୀର ମୋହନଙ୍କ ପ୍ରଚେଷ୍ଟା ଫଳରେ ରେମୁଣାଠାରେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା। ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ। ଉତ୍କଳ ପ୍ରେସ୍‌ରେ ପ୍ରଥମ ଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା। ଏଥିପାଇଁ ସେ ସ୍କୁଲ ଇନସପେକ୍ଟରଙ୍କଠାରୁ ସାତଶ' ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନିଶ' ଟଙ୍କା ପୁରସ୍କାର ପାଇଥିଲେ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ। ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତ କଲେ। ତେଣୁ ଫକୀର ମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା' ଚାଷର ଉନ୍ନତି ସାଧନ କରିଥିଲେ ।

ଫକୀର ମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍. ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ। ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ। ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍କା ଉପରେ ବସି ନିଜ ଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ। ଡିକ୍‌ସିନାରୀ ସାହାଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟ୍ରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ। ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛ'ମାସରେ ମୃତ୍ୟୁବରଣ କଲା। ଏହି ଦୁଃଖରେ ପତ୍ନୀଙ୍କୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ। ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି। ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ। ଫକୀର ମୋହନଙ୍କ ବାଲକାଣ୍ଡ ୧୮୮୦ ଖ୍ରୀ.ଅ., ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ., ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ., କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ., ସୁନ୍ଦରାକାଣ୍ଡ ୧୮୮୭ ଖ୍ରୀ.ଅ., ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ. ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ.ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା। ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ। ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତରେ ଦେୱାନ ଥିଲେ। କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତ ହେଲେ। ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା। ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ। କୌଶଳ ସହକାରେ ଫକୀର ମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ। ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ। ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ। (୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅ.ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁଲାଭ କରନ୍ତେ, ଫକୀର ମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ। କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ। 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ। 'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ। 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା। ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ' ନାମକ ଦୁଇଟି ଉପନ୍ୟାସ, 'ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ। ୧୯୧୭ ମସିହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ। ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଫକୀର ମୋହନ ଇହଲୀଳା ସମ୍ବରଣ କଲେ।

*–ପାରଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ: ୯୯୩୭୬୯୧୪୭୫*

# ଝାଡ଼ଖଣ୍ଡରେ ରଜ



ଗାଈ ଗୋଠରେ ଚରୁଛି ଗାଈ। ତା' ପିଠିରେ ବସିଛି କଜଳପାତି। ଗାୟାଳ ଟୋକା ଅଡ଼ଉଛି ଗୋଠର ଗାଈ। ତା' କଡ଼ରେ ବିଲରୁ ପୋକ ଯୋକ ଚରୁଛନ୍ତି ପଲପଲ ଧଳା ଓ କାଣ୍ଟିଆ ବଗ। ଆକାଶ ମେଘୁଆ ମେଘୁଆ, ଇଏ ନିଦାଘର ଶେଷ ପହର। ଏମିତି ସମୟରେ ରଜ ଆସେ। ସିଏ ଓଡ଼ିଶା ହେଉ କି ଝାଡ଼ଖଣ୍ଡ, ଭୌଗୋଳିକ ସୀମା ଦୃଷ୍ଟିରୁ ସିନା ଝାଡ଼ଖଣ୍ଡ ଓଡ଼ିଶାଠୁ ଅଲଗା କିନ୍ତୁ ପର୍ବ, ପର୍ବାଣୀ, ସଂସ୍କୃତି, ପରମ୍ପରା ସବୁ ଜାଗାରେ ସବୁ ଅଞ୍ଚଳରେ ଏକା ପରି। ଯେପରି ରଜ ସିଂହଭୂମିର ଓ ଓଡ଼ିଶାର ସବୁ ଏକ ଧରଣର।

ରଜ ଆସେ ଗାଁରେ। ଘରମାନଙ୍କରେ। କୁଆଁରୀ ମନରେ, ମୋ ପ୍ରିୟ ଓଡ଼ିଆ ବାପୁଡ଼ାର ମନ ଆରିସିରେ, ସିଏ ଯୋଉଠି ଥାଉ ନା କାହିଁକି। ସିଏ କଟକ ହେଉ କି କର୍ଣ୍ଣାଟକ ସିଏ ହେଉ ପୁଣି ବ୍ରହ୍ମପୁର ବା ବର୍ଣ୍ଣପୁର ହେଉ ଅବା ରେଙ୍ଗୁନ ବା ଭୁବନେଶ୍ୱର ରଜ ଆସେ ସବୁଠି। ରଜ ଆସେ ପହିଲି ବର୍ଷାର ମିଠା ପରଶରେ। ରଜ ଆସେ ତନୁଲତାର ତନୁ ମନରେ। ନୂଆ ନୂଆ ପୋଷାକ, ଅଳତାର ଗାଢ଼ ନାଲି ରଙ୍ଗ ଓ ଟିପିଟିପି ଚନ୍ଦନର ଶିଥିଳ ଲେପନରେ। ଗହଳିଆ ଆମ୍ବତୋଟାରେ ଲଗାଯାଇଥିବା ବାଉଁସ ଦୋଳିରେ। ମାଟିଠୁ ଆକାଶ ସବୁଆଡ଼େ ରଜ ପାଇଁ ଚଳଚଞ୍ଚଳତା କୋଉଠି ରଜ ପାଇଁ ପୋଖରୀ ବୁହା ହୋଇ ମାଛ ଧରିବା ପାଇଁ ପ୍ରସ୍ତୁତି ତ କେଉଁଠି ଖାସି କାଟିବା ପାଇଁ। ସଜବାଜରୁ ଶେଷରଜ ଯାଏ କିଛି କରିବାର ନାହିଁ। କାମ ନାହିଁ। ମାଟି ମା' ରଜସ୍ୱଳା ଯେ। ହଳ ଲଙ୍ଗଳ ସବୁ ମାଟି ମା'କୁ ଛୁଇଁବା ପାଇଁ ମନା। ବର୍ତ୍ତମାନ ବିଶ୍ରାମ ନେବାର ବେଳ। ବର୍ତ୍ତମାନ ମାଟି ମା' ଶୋଉଛି ଆରାମ କରୁଛି। ଧୀରେ ପାଦ ରଖ।

କଟକରୁ ଶହ ଶହ ମାଇଲ ପାରି ହେଲେ ପଡ଼େ ଝାଡ଼ଖଣ୍ଡ ରାଜ୍ୟ। ନୂଆ ହୋଇ ଗଢ଼ାହୋଇଛି ଏ ରାଜ୍ୟ ଏଇ କିଛି ବର୍ଷ ହେଲା। ଏହା ଆଗରୁ ବିହାର ରାଜ୍ୟ ସହିତ ମିଶିଥିଲା। ଜାମସୋଲା ବାଟେ ଆସିଲେ ଏ ରାଜ୍ୟକୁ ଅଲଗା କରେ ସୁବର୍ଣ୍ଣରେଖା ନଈ। ନଈ ପାରି ହେଲେ ପଡ଼େ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ଓଡ଼ିଆ ବିଧାୟକ ବା ପ୍ରଥମ ଓଡ଼ିଆ ମନ୍ତ୍ରୀ ଡାକ୍ତର ଦୀନେଶ ଷଡ଼ଙ୍ଗୀଙ୍କ ଘର। ଏଇ ଘରେ ତାଙ୍କର ଚାଲେ ଷଡ଼ଙ୍ଗୀ କ୍ଲିନିକ୍ ବହଳାଗୋଡ଼ା ବଜାର ଠାରେ। ଏଇଠି ଆପଣ କିଛି ଡେରି ବସିଲେ ଜାଣିବେ ଏଠାରେ ପ୍ରାୟ ସବୁଲୋକ ଓଡ଼ିଆ। ଆଦିବାସୀ, ବଙ୍ଗାଳୀ ଯିଏ ବି ହେଉ ନା କାହିଁକି ସବୁଙ୍କୁ ପ୍ରାୟତଃ ଓଡ଼ିଆରେ କୁହାଯାଉଥାଏ କେମିତି ଔଷଧ ଖାଇବ। ବହଳାଗୋଡ଼ାଠାରୁ ପୂର୍ବକୁ ଗଲେ ପଡ଼େ ଖଡ଼ଗପୁର ଆଡ଼କୁ ରାସ୍ତା। ଏଇ ରାସ୍ତା ପାଖାପାଖି ଗାଁଗୁଡ଼ାକରେ ଥା'ନ୍ତି ଏଇ ଅଞ୍ଚଳର ଲୋକେ। ଓଡ଼ିଆ କହନ୍ତି। ଠିକ୍ ଏହିପରି ଷଢ଼େଇକଳା-ଖରସୁଆଁ ଜିଲ୍ଲା, ପୂର୍ବ ସିଂହଭୂମ ଜିଲ୍ଲା, ପଶ୍ଚିମ ସିଂହଭୂମ ଜିଲ୍ଲା, ସିମ୍‌ଡ଼େଗା ଜିଲ୍ଲା ଏଇସବୁ ଅଞ୍ଚଳରେ ବସବାସ କରୁଥିବା ଅଧିକାଂଶ ଅଧିବାସୀମାନେ ହେଲେ ଓଡ଼ିଆ। ଏଇସବୁ ଅଞ୍ଚଳ ଛଡ଼ା ରାଞ୍ଚି, ହଜାରିବାଗ, ରାମଗଡ଼, ଧାନବାଦ, ବୋକାରୋ ଆଦି ଖଣି-ଖାଦାନ, ସହରାଞ୍ଚଳ ଓ କଳକାରଖାନାମାନଙ୍କରେ ଅନେକ ଓଡ଼ିଆ କାମ କରନ୍ତି।

ଓଡ଼ିଶାଠୁ ଶହ ଶହ ମାଇଲ ଦୂରରେ ରହିଲେ ମଧ୍ୟ ରଜ ପର୍ବ ଓ ଝୁଲାପର୍ବ ଓଡ଼ିଆ କ'ଣ ଆଦିବାସୀ କ'ଣ ସମସ୍ତେ ପାଳନ କରନ୍ତି। ଏଇ ସମୟରେ ଏଠାକାର ଆଦିବାସୀମାନେ କାମଧନ୍ଦା ବନ୍ଦ କରି ହାଣ୍ଡିଆ ପିଅନ୍ତି, କୁକୁଡ଼ା ଓ ଛେଳିମାଂସ ଓ ଉଷୁନା ଭାତରେ ଅତିଥି ଅଭ୍ୟାଗତଙ୍କୁ ସ୍ୱାଗତ କରନ୍ତି। ଦୋଳିରେ ଝୁଲନ୍ତି। ମଉଜ ମସ୍ତିରେ କଟାନ୍ତି ଏଇ ସମୟ ସବୁକୁ। ଜାମସେଦପୁର ସହରରେ ଥିବା ବର୍ମା ମାଇନସ, କଦମା, ସାକ୍‌ଚି, ବିଷ୍ଣୁପୁର, କରାଣ୍ଡି, ପର୍ଶୁଡିହ, କିତାଡିହ, ଗୋବିନ୍ଦପୁର, ଟେଲ୍‌କୋ, ଗାଡ଼ାବାସା, କୋଇଲା ଡୁଙ୍ଗୁରୀ, ଇଷ୍ଟପ୍ଲାଣ୍ଟ ବସ୍ତି, ଶାସ୍ତ୍ରୀନଗର, ସୋନାରୀ, ବାରିଡିହ, ସୀତାରାମ ଡେରା, ସିଦ୍‌ଗୋଡ଼ା, ସୁନ୍ଦର ନଗର, ତା' ଛଡ଼ା ଆଦିତ୍ୟପୁର, ଦୁଗ୍‌ଧା, ବ୍ରାହ୍ମଣଟୋଲା, ହାଡ଼ା, ହଳଦୀ ପୋଖରୀ, କୋକପାଡ଼ା, ହେଂସଲ, ଚାଇଁବାସା, ହାଟଗହ୍ମାରିଆ, ସିନି, ଜୟନ୍ତୀଗଡ଼, ରାଜ ଖରସୁଆଁ, ଷଢ଼େଇକଳା, ଘାଟସିଲା, ଲାଉଡଙ୍କ, ଚାଣ୍ଡିଲ, ଚୌକା, ଫଟାମଦା, ପଞ୍ଚରୁଳିଆ, ଅଡ଼ଙ୍ଗ, ଉରୁବୁଟୁ, ବାନା, ଖୁରି, ଧୋବଣୀ, ବାନାଲୋପା ଇତ୍ୟାଦି ଅନେକ ଓଡ଼ିଆ ଗାଁରେ ଅସୁମାର ଓଡ଼ିଆ ଲୋକେ ରହନ୍ତି। ସେମାନେ ଓଡ଼ିଶାଠୁ ଅଲଗା ଅନ୍ୟ ଏକ ରାଜ୍ୟରେ ରୁହନ୍ତି। କିନ୍ତୁ ଓଡ଼ିଆ ପର୍ବ, ଓଡ଼ିଆମାନଙ୍କ ପରି ଖାଦ୍ୟପେୟ, ଓଡ଼ିଆଙ୍କ ପରି ଅଳଙ୍କାର ପିନ୍ଧିବାର ଠାଣି, ଲୁଗା ପିନ୍ଧିବାର ଠାଣି, ଖୋର୍ଦ୍ଧା ଗାମୁଛା ବ୍ୟବହାର କରିବା, ଆକବରୀ ଖାଁଙ୍କ ଗୁଡ଼ାଖୁ ବ୍ୟବହାର କରିବା, ସୁଦାମା କେତକୀ ଗୁଣ୍ଡି ଖାଇବା, ସମ୍ବଲପୁରୀ ଶାଢ଼ୀ ପିନ୍ଧିବା, ଘରେ ଘରେ ଜଗନ୍ନାଥଙ୍କ ଫଟୋଚିତ୍ର ପୂଜା ପାଇବା, ଅନେକଙ୍କ ଘରେ ତାଳପତ୍ର ପୋଥି ପୂଜା ପାଇବା, ଓଡ଼ିଆ ଭାଗବତ ପୂଜା ପାଇବା ଦେଖିବାକୁ ମିଳେ।

ହଁ ଆଗଭଳି ରଜ ମଉଜ କୋଉଠି ବି ଦେଖିବାକୁ ମିଳେନା। ଭୂମଣ୍ଡଳିକରଣ, ବଜାରବାଦ, ଏସ.ଏସ୍.ଏସ୍., ଇ-ମେଲ୍, କମ୍ପ୍ୟୁଟର ଯୁଗରେ ଓଡ଼ିଶା ହେଉ କି ଝାଡ଼ଖଣ୍ଡ ସବୁଠି ରଜପର୍ବ ପୁରୁଣା ରୀତି ନୀତି ଯେପରି ଗୁଆ ଖୋଳପା ପିନ୍ଧିବା, ତିନିଦିନ ପର୍ଯ୍ୟନ୍ତ ଝିଅମାନେ କୌଣସି କାମ ନ କରିବା, ସନ୍ଧ୍ୟା ହେବା ଆଗରୁ ରାତିର ଖାଦ୍ୟ ଖାଇବା, ସାଇ ପଡ଼ିଶାଙ୍କ ଘର ବୁଲି ବୁଲି ପୋଡ଼ପିଠା ଖାଇବା ଓ ଗୁରୁଜନଙ୍କ ଆଶୀର୍ବାଦ ନେବା, ମିଠାପାନରେ କେତକୀ ଫୁଲର ଖଇର ଦେଇ ଖାଇବା ସର୍ବୋପରି ବାଉଁଶ ଦୋଳିରେ ଝୁଲିବାର ମଉଜ ଏବେ ସବୁଠି କମିଗଲାଣି ସତ। ତଥାପି ବଞ୍ଚିଛି ସଂସ୍କୃତି ପରମ୍ପରା ଗାଁରେ, ଗାଁ ମାଟିରେ, ନିପାରିଲା ମଣିଷର କୁଡ଼ିଆ ପଲାରେ। ସେଇ ଅଶିକ୍ଷିତ, ମଳିମୁଣ୍ଡିଆ, ଅଧାପଢ଼ା ଲୋକଙ୍କ ସକାଶେ ଆମ ପରମ୍ପରା, ପର୍ବପର୍ବାଣୀ ସବୁ ବଂଚିକି ଅଛି।

ଝାଡ଼ଖଣ୍ଡରେ ଖୁବ୍ ସରାଗରେ ରଜପର୍ବ ପାଳନ କରାଯାଏ ଫି' ବର୍ଷ। ଓଡ଼ିଶାଠୁ ଦୂରରେ ରହିଥିବାରୁ ଏଠାକାର ଲୋକମାନଙ୍କୁ ପର୍ବପର୍ବାଣି, ପୁନିଅଁ-ପର୍ବ ହେଲେ ବାପା, ମା'ଙ୍କ କଥା ମନେପଡ଼େ। ବଡ଼-ବଡୁଆ, ଦେଇପିଣ୍ଡି ନିଜ ଗାଁ କଥା, ନିଜ ଭାଇ ବନ୍ଧୁମାନଙ୍କ କଥା ମନେପଡ଼େ, ଆଖିରେ ଲୁହ ଆସିଯାଏ। ଏଇ ପର୍ବପର୍ବାଣୀ ଆମକୁ ଆପଣାର କରିବାର, ସମ୍ପର୍କ ନିବିଡ଼ କରିବାର ବାଗ ଶିଖାଏ, ସ୍ନେହ ସଂପ୍ରୀତିର ବାରତା ଶୁଣାଏ। ଏଇ ପର୍ବପର୍ବାଣୀ ଏମିତି ପ୍ରତି ମୁହୂର୍ତ୍ତରେ ଆସୁଥାଉ। ମଣିଷକୁ ମଣିଷ ସହିତ ଯୋଡ଼ି ଆତ୍ମୀୟତାର ଜୟଗାନ କରୁଥାଉ।

**——ବାଦଲ ଭୂୟାଁ**, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨




# ବାଲିଘାଟରେ ପ୍ରଶାସନର ଚଢଉ, ଜେସିବି ମେସିନ୍ ସମେତ ୧୧ଗାଡି ଜବତ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଚଉଷଠିପଡା ବ୍ରହ୍ମଣୀ ନଦୀର ମର୍ଜତାପୁର ବାଲିଘାଟରେ ତହସିଲ ଓ ଜିଲ୍ଲା ସ୍ପେସାଲ ସ୍କ୍ୱାଡର ମିଳିତ ଚଢାଉରେ ଜେସିବି ମେସିନ ସମେତ ୧୧ଟି ଗାଡି ଜବତ କରାଯାଇଛି । ମର୍ଜତାପୁର ଠାରେ ଥିବା ବାଲି ଘାଟରେ ଲିଜ ଅବଧି ଶେଷ ହୋଇଥିଲେ ମଧ୍ୟ ଇଜରାଦାରଙ୍କ ପକ୍ଷରୁ ସେଠାରେ ଉତୋଳନ କରାଯାଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହାକୁ ନେଇ ଜିଲ୍ଲାପାଳଙ୍କ ନର୍ଦ୍ଦେଶ କ୍ରମେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ସ୍ଥାନୀୟ ଆରଆଇଙ୍କ ସମେତ ଜିଲ୍ଲା ପୁଲିସ ସ୍କ୍ୱାର୍ଡ ସେଠାରେ ଚଢାଉ କରିଥିଲେ । ଏହି ସମୟରେ ସେଠାରେ ବାଲି ବୋଝେଇ କରୁଥିବା ଏକ ଜେସିବି ମେସିନ ସହ ୮ଟି ହାଇଓ୍ୱା ଓ ୨ ଗୋଟି ଟ୍ରାକ୍ଟର ଗାଡିକୁ ଜବତ କରାଯାଇଥିଲା । ଜବତ ଗାଡିଗୁଡିକୁ ଜେନାପୁର ପୁଲିସର ଜିମ୍ମା ଦିଆଯାଇଥିବା ବେଳେ ଜୋରିମାନା ଆଦାୟ ପରେ ଗାଡିଗୁଡିକ ଛଡାଯିବ ବୋଲି ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଧର୍ମଶାଳା ତହସିଲର ଅନେକ ଲିଜ ବାଲିଘାଟରୁ ବେଆଇନ ଭାବେ ଲିଜ ପରିଧି ବାହାରୁ ବାଲି ଉତୋଳନ କରାଯାଉଛି । ଯାହାଫଳରେ ସରକାର ବ୍ୟାପକ ପରିମାଣର ରାଜସ୍ୱ ହରାଉଥିବା ବେଳେ ଲିଜଧାରୀମାନେ ଲାଭବାନ ହେଉଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ପଞ୍ଚମବର୍ଗ (ଏକ୍ସ-କ୍ୟାଡ଼ର) ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଧର୍ମଶାଳା ବିଇଓ ନିକୁଂଜ ବିହାରୀ ମହାନ୍ତି ମୁଖ୍ୟଅତିଥି ଓ ପୂର୍ବତନ ଶିକ୍ଷାଧିକାରୀ ବିଷ୍ଣୁ ଚରଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦାୟୀ ଟେଲରଗଦାଧର ବିଦ୍ୟାଳୟର ଶିକ୍ଷକ ଶ୍ରୀ କରଙ୍କ ଶିକ୍ଷାଦାନ, ଛାତ୍ରବତ୍ସଳତା ଓ କାର୍ଯ୍ୟଦକ୍ଷତା ସଂପର୍କରେ ବର୍ଣ୍ଣନା କରିଥିଲେ । ବ୍ଲକ ପଞ୍ଚମବର୍ଗ(ଏକ୍ସ-କ୍ୟାଡ଼ର) ସହକାରୀ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ସଂଘ ସଭାପତି ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସଂଘ ସଂପାଦକ କାହ୍ନୁ ଚରଣ ବିଶ୍ୱାଳ, ବଡ଼ଚଣା ବ୍ଲକର ଯୁଧିଷ୍ଠିର ଖୁଣ୍ଟିଆ, ରସୁଲପୁରର ଶିବସୁନ୍ଦର ବରାଳ, କୋରେଇର ସନ୍ତୋଷ କୁମାର ଖଣ୍ଡେଇ, ଶିକ୍ଷକନେତା ଯୁଗଳ କିଶୋର ଦାସ, ଉପେନ୍ଦ୍ର କୁମାର ଜେନା, ସେକ୍ ଶାମସୁଦ୍ଦିନ୍, ଅରବିନ୍ଦ ଦାଶ, ମେଘନାଦ ପାତ୍ର, ଦିଲୀପ କୁମାର ପାତ୍ର, ଅରୁଣ ଦାସ, ଅମୂଲ୍ୟ ନାୟକ, ଚନ୍ଦନ କୁମାର ସାହୁ, ସତ୍ୟନାରାୟଣ ସାହୁ, ରୁକ୍ମଣୀ ସାମଲ, ରିତାରାଣୀ ମହାନ୍ତି, ସନ୍ତୋଷ ପ୍ରଧାନ, ସ୍ମୃତିରଂଜନ ସାହାଣି, ନାରାୟଣ ସାହୁ, ଚିତ୍ରସେନ ବଳ, ପ୍ରମିଳା ସ୍ୱାଇଁ, କୁଳମଣି ସାହୁ ଓ ବ୍ରଜମୋହନ ରାଉତ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ କରଙ୍କ ଗୁଣଗାନ କରିଥିଲେ । ଏହି ଅବସରରେ ସଂଘ ପକ୍ଷରୁ ଶ୍ରୀ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଶରତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

# ଆଇସିସିଆର୍ ଆଞ୍ଚଳିକ କାର୍ଯ୍ୟାଳୟ ବନ୍ଦକୁ ଉତ୍କଳ ସମ୍ମିଳନୀର ବିରୋଧ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରରେ କାର୍ଯ୍ୟରତ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ (ଆଇସିସିଆର୍) କାର୍ଯ୍ୟାଳୟ ବନ୍ଦ ହେବା ଖବର ମିଳିବା ପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ଆଇସିସିଆର୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ରଙ୍କୁ ସାକ୍ଷାତ କରି ପ୍ରତିବାଦ ଜଣାଇଛନ୍ତି । ଶ୍ରୀ ଦାଶଶର୍ମା ଶ୍ରୀମତୀ ମିଶ୍ରଙ୍କୁ ସାକ୍ଷାତ କରି ଏହା ସାଢେ ଚାରି କୋଟି ଓଡିଆମାନଙ୍କର ସ୍ୱାଭିମାନର ପ୍ରଶ୍ନ ଓ ଆପଣ ଜଣେ ଓଡିଆ ହୋଇଥିବାରୁ ଏହି କାର୍ଯ୍ୟାଳୟ ଯେପରି ଭୁବନେଶ୍ୱରରୁ କଲିକତା ସ୍ଥାନାନ୍ତର ନହେବ ସେଥିପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରିଷଦର ନିର୍ଦ୍ଦେଶିକା କହିଥିଲେ ଯେ, ଏହା ସ୍ଥାନାନ୍ତର ହେଉନାହିଁ, ଏହା ବନ୍ଦ ହେଉଛି । କାରଣ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଭାରତରେ ଥିବା ୧୮ଟି ରିଜିଓନାଲ ଅଫିସ ବନ୍ଦ ହେବ ଓ ୫ଟି ଜୋନାଲ ଅଫିସ୍ ଖୋଲାଯିବ। ଏହି କ୍ରମରେ ଭୁବନେଶ୍ୱର ଓ କଲିକତାରେ ଥିବା ଦୁଇଟି ରିଜିଓନାଲ ଅଫିସ ବଦଳରେ କଲିକତାରେ ଗୋଟିଏ ଜୋନାଲ ଅଫିସ୍ କାମ କରିବ । ଏହା ଜାଣିବା ପରେ ଶ୍ରୀ ଦାଶଶର୍ମା ପ୍ରଶ୍ନ କରିଥିଲେ ଯେ, ଜୋନାଲ ଅଫିସ୍ କଲିକତାରେ କାହିଁକି ଓ ଭୁବନେଶ୍ୱରରେ କାହିଁକି ନୁହେଁ? ଏହା କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ବୋଲି ନିର୍ଦ୍ଦେଶିକା କହିଥିଲେ । ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରୁଛି ଓ ଭୁବନେଶ୍ୱରରେ ଆଇସିସିଆର୍‌ର ଜୋନାଲ ଅଫିସ୍ ପାଇଁ ଉତ୍କଳ ସମ୍ମିଳନୀ ଦାବି କରୁଛି ବୋଲି ସାକ୍ଷାତ ସମୟରେ ସ୍ପଷ୍ଟ ଭାବରେ ଜଣାଇ ଦିଆଯାଇଥିଲା ।

# ନବୀନବାବୁଙ୍କ ପ୍ରତି ଜନତାର ଆସ୍ଥା



ବିଜୁବାବୁ ଓଡ଼ିଶା ରାଜ୍ୟର ଜଣେ ଅପ୍ରତିଦ୍ୱନ୍ଦୀ ନେତା – ଏହା ସମସ୍ତେ ସ୍ୱୀକାର କରିବେ। ଓଡ଼ିଶା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ। ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ରାଜନୀତିରେ ତାଙ୍କର ଯଥେଷ୍ଟ ପ୍ରାଧାନ୍ୟ ଥିଲା। ତାଙ୍କ ଜୀବନ କାଳରେ ୯ଟି ବିଧାନସଭା ଓ ୮ଟି ପାର୍ଲିଆମେଣ୍ଟ୍ ନିର୍ବାଚନର ସମ୍ମୁଖୀନ ହୋଇ ପ୍ରତ୍ୟେକ ଅଞ୍ଚଳର ପରିସ୍ଥିତିକୁ ଦେଖି ଦଳୀୟ ପ୍ରାର୍ଥୀ ଚୟନ କରି ବିଜୟୀ କରାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବିଜୁବାବୁଙ୍କ ତୋଫାନୀ ଗସ୍ତରେ ତାଙ୍କର ଷ୍ଟେସନ୍‌ୱାଗନ୍ (କଳିଙ୍ଗରଥ) ୧୯୭୦ ଠାରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ ରାଜ୍ୟର କେଉଁ ଗଳିକନ୍ଦିରେ ଯେ ନ ପହଞ୍ଚିଛି କିମ୍ବା ୧୪୭ଟି ନିର୍ବାଚନ ମଣ୍ଡଳୀରେ ସେ ତୋଫାନୀ ଗସ୍ତ କରିନଥିବେ ତାହା କହିବା ସମ୍ପୂର୍ଣ୍ଣ ଭାବେ ନିରର୍ଥକ। ବିଜୁବାବୁ ଏକମାତ୍ର ସାର୍ବଜନୀନ ନେତା ଯିଏ ପ୍ରତ୍ୟେକ ନିର୍ବାଚନ ମଣ୍ଡଳିର ନେତା ଓ କର୍ମୀମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖୁଥିଲେ। ଦୀର୍ଘଦିନର ରାଜ୍ୟ ରାଜନୀତିରେ ବିଜୁବାବୁଙ୍କ ପରାକାଷ୍ଠା ରାଜ୍ୟସାରା ବ୍ୟାପିଛି। ବିଜୁବାବୁଙ୍କ ସହଯୋଗୀ, ସମର୍ଥକମାନେ ଓ ସଂଗ୍ରାମୀ ଯୁବଗୋଷ୍ଠୀ ରାଜ୍ୟସାରା ତାଙ୍କର ନିଜତ୍ୱ ବଜାୟ ରଖି ରାଜ୍ୟରେ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛନ୍ତି।

ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟକୁ ଶିଳ୍ପାୟନ କରିବା ଉଦ୍ଦେଶ୍ୟରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ, କୋରାପୁଟରେ ମିଗ୍‌ବିମାନ କାରଖାନା, ଦୈତାରୀ ପାରାଦ୍ୱୀପ ଏକ୍ସପ୍ରେସ୍ ହାଇୱେ, ବରଗଡ଼ ସିମେଣ୍ଟ କାରଖାନା, ନାଲ୍‌କୋ ଆଲୁମିନିୟମ୍ କାରଖାନା, ଶିକ୍ଷାର ଉନ୍ନତି ପାଇଁ ରାଜ୍ୟରେ ୪ଟି ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ୍, ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ, ବ୍ରହ୍ମପୁର ଓ ବୁର୍ଲାଠାରେ ଦୁଇଟି ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ସହିତ ପୂର୍ବତଟ ରେଲୱେ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରିବା, ରାଜ୍ୟକୁ ପୁର୍ନଗଠନ କରି ୩୦ଟି ଜିଲ୍ଲାରେ ପରିଣତ କରି ପଞ୍ଚାୟତକୁ କ୍ଷମତାଶାଳୀ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଏଥି ସହିତ ଏକ-ତୃତୀୟାଂଶ ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଏବଂ ମୂଲିଆଙ୍କ ମଜୁରୀ ହାର ସେ ସମୟରେ ଟ. ୨୫.୦୦କୁ ବୃଦ୍ଧି କରିବା ବିଜୁବାବୁଙ୍କ ଶାସନର ଉଲ୍ଲେଖନୀୟ ଅବଦାନ ଥିଲା।

ବିଜୁବାବୁଙ୍କ ଦେହାନ୍ତ ପରେ ବିଜୁପ୍ରେମୀମାନେ ପୂର୍ବ ଜନତା ଦଳର ବିଜୁବାବୁଙ୍କ ନାଁକୁ ମିଶାଇ "ବିଜୁ ଜନତା ଦଳ" ଗଠନ କଲେ ଏବଂ ଓଡ଼ିଶାବାସୀ ସମସ୍ତ ନେତୃତ୍ୱ କନ୍ଦଳକୁ ପୂର୍ଣ୍ଣଚ୍ଛେଦ ପକାଇ ବିଜୁବାବୁଙ୍କ ଅନ୍ତିମ ଇଚ୍ଛା ନଥିଲେ ମଧ ବିଜୁବାବୁଙ୍କ ସୁପୁତ୍ର ନବୀନବାବୁଙ୍କୁ ଆଣି ଦଳର ସଭାପତି କରାଇ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇଲେ। ଶେଷରେ ସେ ବିଜୁବାବୁଙ୍କ ଦାୟାଦ ହିସାବରେ ସମଗ୍ର ରାଜ୍ୟବାସୀଙ୍କ ଅନୁକମ୍ପା ଭୋଟ୍ ପାଇ ମୁଖ୍ୟମନ୍ତ୍ରୀ ହେଲେ। ଏବେ ସେ ନିଜସ୍ୱ ଦକ୍ଷତା ବଳରେ ରାଜ୍ୟରେ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ଶାସନ ଭାର ଗ୍ରହଣ କରିଛନ୍ତି।

ନବୀନବାବୁ ଭଲଭାବେ ଜାଣିଛନ୍ତି ଯେ, ଓଡ଼ିଶା ସ୍ୱଭାବତଃ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ତେଣୁ ଏହାର ମୁକାବିଲା ସହିତ ରାଜ୍ୟର ସମସ୍ତଙ୍କୁ ସୁରକ୍ଷା ଯୋଗାଇବା ତାଙ୍କର ପ୍ରଥମ ଦାୟିତ୍ୱ। ବିଶ୍ୱସ୍ତରରେ ବିପର୍ଯ୍ୟୟ ପରିଚାଳନାର ପ୍ରାଥମିକ ଉଦ୍ଦେଶ୍ୟ ହେଲା ମୃତ୍ୟୁସଂଖ୍ୟା ଶୂନ୍ୟ ଓ ସର୍ବନିମ୍ନ କ୍ଷୟକ୍ଷତିର ରଣନୀତି। ନବୀନବାବୁଙ୍କ ନେତୃତ୍ୱରେ ଓଡ଼ିଶା ବାରମ୍ବାର ଏହି ଲକ୍ଷ୍ୟ ପୂରଣ କରିପାରିଥିବାରୁ ସେ ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ସର୍ବଦା ପ୍ରଶଂସିତ। ତାଙ୍କ ଉଦ୍ୟମରେ ୧୯୯୯ର ସେହି ଦୁଃଖଦ ଇତିହାସର ପୁନରାବୃତ୍ତି ଆଶଙ୍କା ଦୂର ହୋଇଛି। ଓଡ଼ିଶାକୁ ଏବେ ବାତ୍ୟା ମୁକାବିଲାର ମଡେଲ ଭାବେ ପରିଗଣିତ କରାଯାଉଛି। ସବୁ କାର୍ଯ୍ୟ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଶନ୍ ମୋଡ଼ରେ ଚାଲିଛି। କରୋନା ମହାମାରୀ ସମୟରେ ବାତ୍ୟାର କିଛି ସମୟ ପୂର୍ବରୁ ଲକ୍ଷାଧିକ ପରିବାରକୁ ନିରାପଦରେ ସ୍ଥାନାନ୍ତରିତ କରିବା ତାଙ୍କ ଦୂରଦୃଷ୍ଟିର ସମ୍ପୂର୍ଣ୍ଣ ବିଚକ୍ଷଣତାକୁ ପରିପ୍ରକାଶ କରୁଛି।

କ୍ରମାଗତ ଭାବେ କ୍ଷମତାକୁ ଆସିବା ଏବଂ ଅଧିକରୁ ଅଧିକ ଜନସମର୍ଥନ ଲାଭ କରିବା ପଛରେ ଏକମାତ୍ର ତତ୍ତ୍ୱ ହେଉଛି 'ଜନତାର ଆଶା ଓ ଭରସା', ଦୂରଦୃଷ୍ଟି, ଦକ୍ଷ, ଜନପ୍ରିୟ ଓ ସମ୍ବେଦନଶୀଳ ନେତୃତ୍ୱହିଁ ଏଭଳି ସିଦ୍ଧି ଲାଭ କରିପାରେ। ଜନସାଧାରଣ ଶାସନର ସଫଳତା ଓ ଦକ୍ଷତା ପରଖି ଜନାଦେଶ ଦେଇଥାନ୍ତି। ନବୀନବାବୁ ନୂଆ ରାଜନୈତିକ ପରିଚାଳନା ସହିତ ଜାତୀୟ ସ୍ତରରେ କେତେକ ଅଭିନବ ପଦକ୍ଷେପ ଗ୍ରହଣ କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଛନ୍ତି। ନବୀନବାବୁଙ୍କ ଭଳି ସ୍ୱଳ୍ପଭାଷୀ, ନମ୍ର, ଶାନ୍ତ ଏବଂ ଭଦ୍ର ରାଜନେତା ସାରା ଭାରତବର୍ଷରେ ବିରଳ।

ବିଗତ ୨୨ ବର୍ଷର ଓଡ଼ିଶାର ବିକାଶ ଯାତ୍ରାକୁ ଅନୁଧ୍ୟାନ କଲେ ସେଥିରେ ନବୀନବାବୁଙ୍କ ଦକ୍ଷତା ପ୍ରତିଫଳିତ କେବଳ ବିପର୍ଯ୍ୟୟ ପରିଚାଳନାରେ ନୁହେଁ ବରଂ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି, ବିଶେଷ କରି ମହିଳାମାନଙ୍କ ପାଇଁ ଜନନୀ ସୁରକ୍ଷା ଯୋଜନା ମାଧ୍ୟମରେ ସେମାନଙ୍କୁ ପ୍ରସବକାଳୀନ ଡାକ୍ତରୀ ଓ ଆର୍ଥିକ ସହାୟତା ପ୍ରଦାନ, ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳା କରିବା, 'ମିଶନ ଶକ୍ତି' ନାମରେ ମହିଳା ସଶକ୍ତିକରଣ ଯୋଜନା, ମହିଳାମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ସହିତ ଋଣ ଯୋଗାଇବାର ବ୍ୟବସ୍ଥା କରିବା କାର୍ଯ୍ୟକାରୀ କରିଥିଲେ। ଲୋକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ଜାତୀୟ ବୃଦ୍ଧାବସ୍ଥା, ଜାତୀୟ ପରିବାର ହିତ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ପ୍ରଭୃତି ଜରିଆରେ ବୃଦ୍ଧ, ବିଧବା, ଭିନ୍ନକ୍ଷମ, କୁଷ୍ଠରୋଗରୁ ଆରୋଗ୍ୟ ପାଇଁ ମାସିକ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ସହିତ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଓ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଜରୁରୀକାଳିନ ଆମ୍ବୁଲାନ୍‌ସ ସେବା ପ୍ରବର୍ତ୍ତନ କରାଇଥିଲେ। ଉପଯୁକ୍ତ ହିତାଧିକାରୀଙ୍କୁ ସରକାର 'ଇନ୍ଦିରା ଆବାସ ଯୋଜନା', 'ମୋ କୁଡ଼ିଆ ଯୋଜନା', ଶହେ ଦିନର ନିଶ୍ଚିନ୍ତ କର୍ମଯୋଗାଣ ପାଇଁ 'ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିନ୍ତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା' ଏବଂ 'ଓଡ଼ିଶା ଜୀବିକା ମିଶନ୍ ଯୋଜନା' ପ୍ରଭୃତି ପ୍ରଚଳନ କରିଥିଲେ।

ଏଥିସହିତ ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ କର୍ମ ଯୋଗାଣ ବ୍ୟବସ୍ଥା, ପୁନଃ ତଦନ୍ତ କରି ଉପଯୁକ୍ତ ହିତାଧିକାରୀଙ୍କୁ ରେସନ୍ କାର୍ଡ଼ ବଣ୍ଟନ ପାଇଁ ତତ୍ପରତା ପ୍ରକାଶ କରିବା, ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ଗୃହ ଯୋଗାଇବା, ଗ୍ରାମାଞ୍ଚଳ ଏବଂ ବସ୍ତି ଅଞ୍ଚଳରେ ସୁଲଭ ଶୌଚାଳୟକୁ ତତ୍‌କ୍ଷଣାତ୍ ସ୍ଥାପନ ଉପରେ ଗୁରୁତ୍ୱ ଆରୋପ କରିବା ସହିତ ଚାଷୀମାନଙ୍କୁ ଧାନକିଣାର ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିବା, ବିଜୁଳି ଓ ଜଳଯୋଗାଣ କ୍ଷେତ୍ରରେ ପ୍ରାଧାନ୍ୟ ଦେବା ସହିତ ନିକଟରେ ଚାଷୀ ମୃତ୍ୟୁ ଘଟଣାକୁ ଅଗ୍ରାଧିକାର ଭିତ୍ତିରେ ସରକାରୀ ଅନୁଦାନ ଦେଇ ସମାଧାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଗରିବମାନଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକାଭିମୁଖୀ ଯୋଜନା, ରାଜ୍ୟସାରା ବୁଲି ବିଭିନ୍ନ ବ୍ୟୟମଞ୍ଜୁରୀ ପ୍ରକଳ୍ପ ଉଦ୍‌ଘାଟନ, ଭୁବନେଶ୍ୱରକୁ ଭାରତର ସ୍ମାର୍ଟ ସିଟି ମିଶନରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା, ବିପିଏଲ୍ କାର୍ଡ଼ଧାରୀଙ୍କୁ ଏକ ଟଙ୍କାରେ ଚାଉଳ ଓ ଗହମ ଯୋଗାଇବା, ଶ୍ମଶାନରେ ଏପିଏଲ୍‌ଧାରୀଙ୍କ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା, ଶ୍ରମିକମାନଙ୍କ ପାଇଁ ଜୀବନବୀମା ସହିତ ମାସିକ ଭତ୍ତା ପ୍ରଦାନ କରିବା, ସ୍କୁଲ ପିଲାଙ୍କ ପାଇଁ ସାଇକେଲ୍, ମାଗଣା ପାଠ୍ୟପୁସ୍ତକ, କଲେଜ ପିଲାଙ୍କୁ କମ୍ପ୍ୟୁଟର ଦେବା ଭଳି ଉନ୍ନୟନମୂଳକ କାର୍ଯ୍ୟାବଳୀ ଓ ମୋ ସ୍କୁଲ ଜରିଆରେ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନର କାର୍ଯ୍ୟକ୍ରମ ପ୍ରଚଳନ କରିଥିଲେ। ରାଜ୍ୟରେ ସୁଶାସନ, ଜନକଲ୍ୟାଣ, ରୋଜଗାର ଯୋଗାଣ, ସ୍ୱାସ୍ଥ୍ୟସେବା, ଅର୍ଥନୈତିକ ବିକାଶ, ସାମାଜିକ କଲ୍ୟାଣ ଏବଂ ସମୟୋଚିତ ସେବା ଯୋଗାଣ ସହିତ ବିଶେଷ କରି ଗରିବ, ଦଳିତ, କୃଷକ, ମହିଳା ଓ ଯୁବଗୋଷ୍ଠୀର କଲ୍ୟାଣ ସାଧନ ତାଙ୍କ ଶାସନର ମୁଖ୍ୟ ଦାୟିତ୍ୱ ଥିଲା ଏବଂ ସେ ଏହାର ମୁଖ୍ୟ ମାର୍ଗଦର୍ଶକ ଥିଲେ।

**ବୁଦ୍ଧରାମ ସାହୁ**, ମୋ : ୯୪୩୭୧୭୯୦୪୭

# ଶିବାଜୀ ପଟ୍ଟନାୟକଙ୍କ ତ୍ୟାଗ ଏବଂ ସଂଘର୍ଷ ଅବିସ୍ମରଣୀୟ

ଭୁବନେଶ୍ୱର (ପିଏନ୍): ଓଡିଶାର ସାମ୍ୟବାଦୀ ଆନ୍ଦୋଳନର ବର୍ଷିୟାନ୍ ନେତା, ତ୍ୟାଗ, ସଂଘର୍ଷ ଏବଂ ସଂକଳ୍ପର ମହାନ୍ ଯୋଦ୍ଧା, ସି.ପି.ଆଇ.(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ, ଭୁବନେଶ୍ୱର ଲୋକସଭା ଆସନର ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ଏକ ରାଜ୍ୟ ସ୍ତରୀୟ ସ୍ମରଣ ସଭା ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସି.ପି.ଆଇ.(ଏମ୍) ନେତା ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସି.ପି.ଆଇ.(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ପଲିଟବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସି.ପି.ଆଇ. ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ, ସି.ପି.ଆଇ.ଏମ୍-ଏଲ୍(ଲିବରେସନ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, କଂଗ୍ରେସ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ଏସ୍.ୟୁ.ସି.ଆଇ. (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା, ସମତାକ୍ରାନ୍ତି ଦଳର ରାଜ୍ୟ ନେତା ବ୍ରଜ ତ୍ରିପାଠୀ, ସି.ପି.ଆଇ.ଏମ୍-ଏଲ୍(ରେଡ୍‌ଷ୍ଟାର) ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ସି.ପି.ଆଇ.(ଏମ୍-ଏଲ୍ ) ରାଜ୍ୟ ନେତା ଶ୍ରୀକାନ୍ତ ମହାନ୍ତି, ଏଚ୍.ଏମ୍.ଏସ୍.ର ରାଜ୍ୟ ନେତା କୃଷ୍ଣଚନ୍ଦ୍ର ପାତ୍ର, ସି.ଆଇ.ଟି.ୟୁ. ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭା ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ନେତ୍ରୀ ତାପସୀ ପ୍ରହରାଜ, ଡି.ୱାଇ.ଏଫ୍.ଆଇ. ରାଜ୍ୟ ସମ୍ପାଦକ ଯତିନ୍ ମହାନ୍ତି, ଓଡିଶା କ୍ଷେତ ମଜଦୂର ୟୁନିୟନ୍ ରାଜ୍ୟ ଉପସଭାପତି ନିର୍ମଳ ନାୟକ, ଏ.ଆଇ.ଟି.ୟୁ.ସି ରାଜ୍ୟ ନେତା ରାମକୃଷ୍ଣ ପଣ୍ଡା, ଏ.ଆଇ.ସି.ସି.ଟି.ୟୁ ରାଜ୍ୟ ନେତା ମହେନ୍ଦ୍ର ପରିଡ଼ା, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଫେସର ମନୋରଞ୍ଜନ ମହାନ୍ତି, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ସାମ୍ବାଦିକ ରବି ଦାସ, ସାମାଜିକ କର୍ମୀ ଅରୁଣ ଜେନା ଏବଂ ଅଭୟ ବଡଜେନା ପ୍ରମୁଖ ଏହି ମହାନ ନେତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ମୃତିସଭାରେ ବକ୍ତବ୍ୟ ରଖି ନେତୃବୃନ୍ଦ କହିଥିଲେ ଯେ ଶିବାଜୀ ପଟ୍ଟନାୟକଙ୍କ ତ୍ୟାଗ, ସଂଘର୍ଷ ଏବଂ ସଂକଳ୍ପ ଅବିସ୍ମରଣୀୟ । ଶ୍ରମଜିବୀ ମଣିଷଙ୍କ ସ୍ୱାର୍ଥରକ୍ଷା ପାଇଁ ଜୀବନ ତମାମ ସେ ସଂଘର୍ଷ କରିଥିଲେ । ଏକ ଶୋଷଣମୁକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ ସେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଓ ଶେଷ ପର୍ଯ୍ୟନ୍ତ ତାଙ୍କ ଲକ୍ଷ୍ୟରେ ସଂଗ୍ରାମକୁ ଜାରି ରଖିଥିଲେ । ସେହି ଲକ୍ଷ୍ୟପଥରେ ସମ୍ମିଳିତ ଭାବେ କାର୍ଯ୍ୟକରି ଶ୍ରମଜିବୀ ଜନଗଣଙ୍କ ସଂଘର୍ଷକୁ ଆଗେଇ ନେବା ହିଁ ହେବ ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଯଥୋଚିତ ସମ୍ମାନଜନକ ଶ୍ରଦ୍ଧାଞ୍ଜଳୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସଭା ପୂର୍ବରୁ ସମବେତ ଜନତା ୨ ମିନିଟ୍ ନୀରବରେ ଦଣ୍ଡାୟମାନ ହୋଇ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ ।

# ଆମ ଆଦମି ପାର୍ଟିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଆମ ଆଦମି ପାର୍ଟି (ଆପ୍)ର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ପୌରସଂସ୍ଥା ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆମ୍ ଆଦମି ପାର୍ଟିର ୫ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ତିନିମୁହାଣୀ ଠାରୁ ଏକ ର୍ୟାଲିରେ ବାହାରି ସହର ପରିକ୍ରମା କରି ସଭାସ୍ଥଳ ଟାଉନ ହଲ ପରିସରରେ ପହଁଚିଥିଲେ । ଆମ ଆଦମି ପାର୍ଟିର ଜିଲ୍ଲା ଯୁବ ସଭାପତି ସନ୍ତୋଷ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିଲ୍ଲୀ କାଣ୍ଟେନମେଂଟ ବିଧାୟକ ତଥା ଆପ୍‌ର ଓଡିଶା ପ୍ରଭାରୀ ବିରେନ୍ଦ୍ର ସିଂହ କାଡିୟାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, କେନ୍ଦ୍ରାପଡା ଜିଲ୍ଲା ଆବାହକ ସନ୍ଦିପ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଉପସ୍ଥିତ କର୍ମୀମାନଙ୍କୁ ପାର୍ଟିର ଟୋପି ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଆମ ଆଦମି ପାର୍ଟି ସରକାରର ଦିଲ୍ଲୀ ଓ ପଞ୍ଜାବ ମଡେଲ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆପ ଶାସିତ ରାଜ୍ୟ ଦିଲ୍ଲୀରେ ପ୍ରତ୍ୟେକ ପରିବାରକୁ ୨ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଉଥିବା ବେଳେ ପଞ୍ଜାବରେ ୩ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଉଛି । ଓଡିଶାରେ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ପ୍ରତ୍ୟେକ ପରିବାରକୁ ବିନା ମୂଲ୍ୟରେ ବିଜୁଳି ଯୋଗାଇବା ଦାବିରେ ଘର ଘର ବୁଲି ଦସ୍ତଖତ ଅଭିଯାନ ଜୋରଦାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ସଭାରେ ଜିଲ୍ଲା ସଂପାଦକ ସୂର୍ଯ୍ୟକାନ୍ତ ପରିଡା, ସାରଦା ପ୍ରସାଦ ରାଉତ, ପ୍ରଭାକର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ୧୪ରେ ସଂଭାବନାର 'ରଜ ମଉଜ' ଓ ସଂଗୀତ ସଂଧ୍ୟା

ଭୁବନେଶ୍ୱର (ପିଏନ୍)-ଓଡିଶାର ପ୍ରମୁଖ ଓ ଆଦିପର୍ବ ରଜ ଉତ୍ସବ ଅବସରରେ ଆସନ୍ତା ଜୁନ-୧୪ ତାରିଖ ପହିଲି ରଜ ସଂଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଜୟଦେବ ଭବନଠାରେ ଓଡ଼ିଆଣୀ ମାନଙ୍କୁ ନେଇ ମହାମାରୀ ଜନିତ କାରଣରୁ ଦୁଇବର୍ଷ ପରେ 'ରଜ ମଉଜ' ଅନୁଷ୍ଠିତ ହେବ। ସଂଭାବନା ପକ୍ଷରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି ଯେ ଓଡ଼ିଆ ମାଟିର ମହକ ଥିବା ପରମ୍ପରା, ସଂଗୀତ ଓ ନୃତ୍ୟକୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୋଡ଼ପିଠା ଓ ରଜ ପାନ ସହ କବିତା ପଠୋତ୍ସବ, ସଂଗୀତ ଓ ନୃତ୍ୟ ଆଦିର ସମଷ୍ଟିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗନେଇ ଏହି ଉତ୍ସବକୁ ପାଳିବେ। ସଂଧ୍ୟା ୫ଘଟିକାରୁ କବିତା ପାଠୋତ୍ସବରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ଓଡ଼ିଆଣୀମାନେ ରଜ ଗୀତ ଓ ଓଡିଆ ସଂଗୀତ ସହ ନୃତ୍ୟ ମଧ୍ୟ ପରିବେଷଣ କରିବେ। ଏହାସହ ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ଅର୍ଣ୍ଣବ ପଣ୍ଡା ଆଦି ଶିଳ୍ପୀଙ୍କ ସ୍ୱରରେ ମନଛୁଆଁ ଓଡ଼ିଆ ସଂଗୀତ ମଧ୍ୟ ପରିବେଷିତ ହେବ। ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ଏହାକୁ ଅଧିକ ରୋଚକ କରିବା ପାଇଁ ସାମିଲ କରାଯାଇଛି। ଏହି ସଂଧ୍ୟାରେ ବହୁଳ ସଂଖ୍ୟାରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିପ୍ରେମୀ ମାନେ ଉପସ୍ଥିତ ରହିବାକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ରାଜଶ୍ରୀ ଶତପଥି ଓ ଓଡ଼ିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ, ରଶ୍ମି ସାହୁ ଓ ରେଖା ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଓଡିଆ ସମାଜ ଆବୁଧାବି ତରଫରୁ ଉତ୍କଳ ଦିବସ ପାଳନ



ଆବୁଧାବି, (ପି.ଏନ) : ଓଡିଆ ସମାଜ ଆବୁଧାବି (ଓସା) ତରଫରୁ ପ୍ରବଳ ଆନନ୍ଦ, ଉଲ୍ଲାସ ଓ ଉତ୍କଣ୍ଠା ମଧ୍ୟରେ ଉତ୍କଳ ଦିବସ ପାଳନ କରାଯାଇଛି । ଉତ୍କର୍ଷ-୨୦୨୨ ଶୀର୍ଷକ 'ଓସା'ର ଏହି ବାର୍ଷିକ ଉତ୍ସବ ସୁବୀସ୍ତିର୍ଣ୍ଣ ଆରବ ସାଗରର ସମ୍ମୁଖସ୍ଥ ସୁନ୍ଦର, ସୁରମ୍ୟ ଓ ସୁଶୋଭିତ ଆବୁଧାବି ଥିଏଟର୍ ?ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଦୀର୍ଘ ପ୍ରତିକ୍ଷିତ ଓ ବହୁଚର୍ଚ୍ଚିତ ମହାସମାରୋହକୁ କେନ୍ଦ୍ର କରି ସମଗ୍ର ଥିଏଟର୍ ପରିସର ଉତ୍ସବମୁଖର ହୋଇଉଠିବା ସହିତ ଏକ କ୍ଷୁଦ୍ର ଓଡିଶାର ଅନୁପମ ରୂପ ଧାରଣ କରିଥିଲା । ବିଶେଷକରି କୋଭିଡ୍? ଅବରୋଧ ଯୋଗୁଁ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ବାସ୍ତବ ଢଙ୍ଗରେ ପ୍ରେକ୍ଷାଳୟରେ ଉତ୍କଳ ଦିବସ ପାଳନ କରାଯାଉଥିବା ଯୋଗୁଁ 'ଓସା'ର ସଦସ୍ୟ, ପରିବାରବର୍ଗ, ପରିଜନ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଅଦମ୍ୟ, ଅନନ୍ୟ ଓ ଅଫୁରନ୍ତ ଉତ୍ସାହ, ଉଦ୍ଦୀପନା ଓ ଉନ୍ମାଦନାର ଉତ୍ସ୍ୱାସ ଦେଖିବାକୁ ମିଳିଥିଲା । ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବରେ ପ୍ରମୁଖ ପ୍ରବାସୀ ଭାରତୀୟ, ୟୁଏଇସ୍ଥିତ ଭାରତୀୟ ଦୂତାବାସର କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନେ ଯୋଗଦେଇଥିବା ପରିଲକ୍ଷିତ ହୋଇଥିଲା ।ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସଭା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି ଓଡିଆ ସମାଜ ଆବୁଧାବିର ସଭାପତି ପ୍ରଦୀପ ରଥ କୋଭିଡ୍ କାଳରେ 'ଓସା'ର ସାମାଜିକ, ଦାତବ୍ୟ ଓ ଜନହିତକର କାର୍ଯ୍ୟାବଳୀର ସୂଚନା ଦେଇଥିଲେ । କରୋନାର ଦୁର୍ବିସହ ପ୍ରଥମ ଲହରୀ ପର୍ଯ୍ୟାୟରେ ଆବୁଧାବିଠାରେ ଅଟକି ରହିଥିବା ପ୍ରାୟ ୨୦୦୦ରୁ ଅଧିକ ଓଡିଆଙ୍କୁ ୧୪ଟି ଚାର୍ଟାଡ ବିମାନରେ ନିରାପଦଭାବେ ଓଡିଶାକୁ ପଠାଇବା ନେଇ 'ଓସା'ର ସଦସ୍ୟମାନଙ୍କର ଜୋର୍ ?ଦାର ଯୋଗଦାନକୁ ଶ୍ରୀ ରଥ ଭୂରିଭୂରି ପ୍ରଶଂସା କରିଥିଲେ । ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ଭାରତୀୟ ଦୂତାବାସର ଦ୍ୱିତୀୟ ସଚିବ ରିଶା ଓବରାଇ ୟୁଏଇରେ ଅବସ୍ଥାପିତ ଭାରତୀୟ ସମ୍ପ୍ରଦାୟକୁ ସଶକ୍ତ କରିବାରେ 'ଓସା'ର ଅବଦାନ ବେଶ୍ ଉଲ୍ଲେଖନୀୟ ବୋଲି ବର୍ଣ୍ଣନା କରିଥିଲେ । ବରେଣ୍ୟ ଅତିଥି ଚିତ୍ରତାରକା କୁନା ତ୍ରିପାଠୀ ଆବୁଧାବିରେ ଓଡିଆମାନଙ୍କୁ ଏକଜୁଟ୍ କରିବାରେ 'ଓସା'ର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ୱାର୍ଲଡ୍ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ବ୍ରାଣ୍ଡ ଓଡିଶାକୁ ୟୁଏଇରେ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବାରେ 'ଓସା'ର ଉଦ୍ୟମ ବନ୍ଦନୀୟ ବୋଲି ସୂଚାଇଥିଲେ । ସ୍ୱତନ୍ତ୍ର ଅତିଥି ରାରିୟନ ଗ୍ରୁପ୍‌ର ଅଧ୍ୟକ୍ଷ ବ୍ରଜକିଶୋର ମିଶ୍ରଙ୍କର ପ୍ରତିନିଧି ଟେରାସ୍ କମ୍ପାନୀର ସିଇଓ ଅନୀଲ ସାହୁ ଆବୁଧାବିଠାରେ ପ୍ରବାସୀ ଓଡିଆ ସମ୍ପ୍ରଦାୟର ସାଂସ୍କୃତିକ ଓ ସାମାଜିକ ଜୀବନଶୈଳୀକୁ ସକ୍ରିୟ କରିବାରେ 'ଓସା'ର ଅବଦାନ ବେଶ୍ ପ୍ରଶଂସନୀୟ ବୋଲି ଦର୍ଶାଇଥିଲେ । ଉତ୍ସବରେ ଯୋଗଦେଇଥିବା ସେଖ୍ ମହମ୍ମଦ ବିନ୍ ସୁଲ୍ ତାନ ବିନ୍ ହମ୍‌ଦାନ ଅଲ୍ ନିହାୟାନଙ୍କର ପ୍ରତିନିଧି ଚ୍ୱାର୍ଜଡି ଆଫେୟାର୍ସ ଡକ୍ଟର ତଲାଲ୍ ଆଲ୍‌ବେଲୋସି, 'ଓସା'ର ଉପଦେଷ୍ଟା ଡକ୍ଟର ହିମାଂଶୁ ଦାସ, ଅଶୋକ ପଣ୍ଡା ଏବଂ ଅନ୍ୟତମ ଅତିଥି ମୁଲ୍‌କ୍‌ରାଜଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ 'ଓସା' ଦ୍ୱାରା ପ୍ରକାଶିତ ସ୍ମରଣିକା 'ପ୍ରବାସୀ ଉତ୍କର୍ଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହାକୁ ସତ୍ୟବ୍ରତ ପାତ୍ର ଓ ଅରୁଣୀମା ମିଶ୍ର ସମ୍ପାଦନା କରିଛନ୍ତି । ସଭା ଶେଷରେ ଡକ୍ଟର ହିମାଂଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ୍‌ର ପ୍ରଖ୍ୟାତ କଳାକାର କୁନା ତ୍ରିପାଠୀ, ଅଭିଜିତ୍ ମଜୁମ୍‌ଦାର ଏବଂ ଅନୁରାଧା ପାଣିଗ୍ରାହୀ ପ୍ରମୁଖ ସେମାନଙ୍କର କଳାଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କର ଢେର ମନୋରଞ୍ଜନ କରିଥିଲେ । ଯନ୍ତ୍ର ସଂଗୀତରେ ସୌମ୍ୟଜିତ ପରିଡା, ଜ୍ୟୋତିରଞ୍ଜନ ମହାଲିକ ଏବଂ ଦୁଷ୍ମନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ । ବିଶେଷ ଆକର୍ଷଣ ମଧ୍ୟରେ 'ଓସା'ର ସଦସ୍ୟ ଓ ସଦସ୍ୟାମାନଙ୍କଦ୍ୱାରା କରୋନାର କରାଳ କାହାଣୀ ଆଧାରରେ ପରିବେଶିତ ନାଟକ ରହିଥିଲା । ବହ୍ନିପ୍ରଭା ରଥଙ୍କ ଦ୍ୱାରା ପରିକଳ୍ପିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ସୌଗତ ନାୟକ, କମଲ ପଣ୍ଡା, ସୁକର୍ଣ୍ଣ ବେହେରା ଏବଂ ସାଥିମାନେ ଖୁବ୍ ସୁନ୍ଦର ଓ ସାବଲିଳ ଢଙ୍ଗରେ ଉପସ୍ଥାପନା କରିଥିଲେ । ଏହା ସହିତ 'ଓସା' ଟିମ୍ ତରଫରୁ ବାପି ଲହିରୀ ଓ ଲତା ମଙ୍ଗେସକରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବେଶିତ ସଂଗୀତ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ସ୍ୱାତି ଦାସ ଏବଂ ଶୁଭ୍ରା ସାମଲଙ୍କ ତତ୍ତ୍ୱାବଧାନରେ ମଞ୍ଚସ୍ଥ ଫ୍ୟାଶନ ଶୋ' ମଧ୍ୟ ଖୁବ୍ ? ଆକର୍ଷକ ଥିଲା । ସାଂସ୍କୃତିକ ଅଧିବେଶନକୁ ଖୁବ୍ ଦକ୍ଷତାର ସହିତ ଅଙ୍କିତା ମହାନ୍ତି ପରିଚ୍ୱାଳନା କରିଥିଲେ । ତାଙ୍କୁ 'ଓସା'ର ସାଂସ୍କୃତିକ ସମ୍ପାଦକ ପ୍ରତୀକ ଦାଶ ଓ ସହସମ୍ପାଦକ ସନ୍ତୋଷ ତ୍ରିପାଠୀ ସହଯୋଗ କରିଥିଲେ । ମୁଖ୍ୟ ସଭାକୁ ଅରୁଣୀମା ମିଶ୍ର ସଞ୍ଚାଳନା କରିଥିଲେ । ସମଗ୍ର ଉତ୍ସବକୁ ଆୟୋଜନ କରିବାରେ 'ଓସା'ର ତୁଙ୍ଗ ନେତୃବୃନ୍ଦ ପ୍ରଦୀପ ରଥ, ସିଦ୍ଧାର୍ଥ ଦାସ, କମଲ ପଣ୍ଡା, ଦିଲ୍ଲୀପ ନାୟକ, ସନ୍ତୋଷ ତ୍ରିପାଠୀ, ସୁଧାଂଶୁ ପାତ୍ର, ରବିନାରାୟଣ ଦାଶ, ସୁକର୍ଣ୍ଣ ବେହେରା, କାର୍ତ୍ତିକ ସିଂହ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ଚୌଧୁରୀ, ଅବଦୁର୍ ରାଉଫ୍ ଓ ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପ୍ରିୟଦର୍ଶୀ ପାଣିଗ୍ରାହୀ, ବୈଦ୍ୟନାଥ ଜେନା ଓ କିଶୋର କୁମାର ଦାଶ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ସୁନି ତଞ୍ଜିମୁଲ ଓଲମା ଟ୍ରଷ୍ଟ ପକ୍ଷରୁ ନୁପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ସୁନି ତଞ୍ଜିମୁଲ ଓଲମା ଟ୍ରଷ୍ଟ ପକ୍ଷରୁ ନୁପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବି କରାଯାଇଛି । ଟ୍ରଷ୍ଟଯଟ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମହାମାନ୍ୟ ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ସୂଚନା ଯୋଗ୍ୟ ଏକ ଟିଭି ବିତର୍କରେ ଭାଗନେଇ ବିଜେପିର ଦୁଇ ପୂର୍ବତନ ମୁଖପାତ୍ର ନୁପୁର ଶର୍ମା ଓ ନବୀନ ଜିନ୍ଦଲ ପ୍ରସଙ୍ଗ କ୍ରମେ ପ୍ରଫେଟ ମହମ୍ମଦ (ଏସ୍.ଏ.ଏସ୍) ଙ୍କ ସଂପର୍କରେ ଦେଇଥିବା ଆପତିଜନକ ମନ୍ତବ୍ୟ ମୁସଲିମ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

# କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ: କଠିନତମ ପରିସ୍ଥିତିକୁ ସଫଳତାର ସହ ସାମ୍ନା କରିବାକୁ ଶିଖାଇଛି ମୋଦି ସରକାର: ଜୁଏଲ ଓରାମ

ଭୁବନେଶ୍ୱର, (ପି.ଏନ): କରୋନା ମହାମାରୀ ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ଓ ସମୟୋପଯୋଗୀ ପଦକ୍ଷେପକୁ ଜାତିସଂଘ ସମେତ ବିଭିନ୍ନ ଦେଶ ପ୍ରଶଂସା କରିଛନ୍ତି । କଠିନରୁ କଠିନତମ ପରିସ୍ଥିତି ଓ ଆହ୍ୱାନକୁ ସଫଳତାର ସହ ସାମ୍ନା କରିବାକୁ ଶିଖାଇଛି ଗତ ୮ ବର୍ଷର ମୋଦି ଶାସନ ବୋଲି ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ କହିଛନ୍ତି ।ମହାମାରୀ କୋଭିଡ ସମୟରେ ଲୋକେ ଜୀବନ ମରଣ ସହ ସଂଗ୍ରାମ କରୁଥିବାବେଳେ ମୋଦିଜୀ ୮୦ କୋଟି ଲୋକଙ୍କୁ ମାଗଣା ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ବନ୍ଦେ ଭାରତ ଯୋଜନାରେ ପ୍ରବାସୀ ଭାରତୀୟଙ୍କୁ ଏବଂ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ଯୋଗେ ପଡୋଶୀ ରାଜ୍ୟରେ ଥିବା ଶ୍ରମିକମାନଙ୍କୁ ନିଜ ନିଜ ଘରେ ପହଂଚାଇବାର ସଫଳ ବ୍ୟବସ୍ଥା କରାଇଥିଲେ । କରୋନାରେ ଅନାଥ କିମ୍ବା ବାପା / ମା ଙ୍କୁ ହରାଇଥିବା ପିଲାମାନଙ୍କୁ ପିଏମ କେୟାର୍ସ ଯୋଜନାରେ ଛାତ୍ରବୃତି, ଜୀବନ ବୀମା ଏବଂ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରାଇବା ମୋଦି ସରକାରଙ୍କ ସମ୍ବେଦନଶୀଳତାକୁ ସ୍ପଷ୍ଟ କରିଛି ବୋଲି ଶ୍ରୀ ଓରାମ କହିଛନ୍ତି ।କରୋନା କାଳରେ ନିର୍ଭିକତା ତଥା ଦକ୍ଷତାର ସହ ରୋଗୀମାନଙ୍କୁ ସେବା ଯୋଗାଇ ଦେଇଥିବା ଡାକ୍ତର, ନର୍ସ, ପାରାମେଡିକାଲ୍ସ ଷ୍ଟାପ୍, ସଫେଇ କର୍ମଚାରୀ, ସ୍ୱେଚ୍ଛାସେବୀ ଭାଇ, ଭଉଣୀମାନଙ୍କୁ ମୋଦୀ ସରକାରଙ୍କ ୮ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟରେ ପୁଷ୍ପ ଓ ଉତରୀୟ ଦିଆଯାଇ ସମ୍ମାନିତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ସମେତ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସ୍ୱଚ୍ଛଭାରତ ଅଭିଯାନ ରାଜ୍ୟ ସଂଯୋଜକ ମହେଶ ମହାନ୍ତି, ରାଜ୍ୟ ମେଡିକାଲ ସେଲର ରାଜ୍ୟ ସଂଯୋଜକ ଡ. କୈଳାଶ ଚନ୍ଦ୍ର ବିଶ୍ୱାଳ, ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାସ, ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସ୍ୱଚ୍ଛ ଭାରତ ଅଭିଯାନ ସହ ସଂଯୋଜକ ପଦ୍ମଜା ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କୋଭିଡ୍ ଯୁଦ୍ଧର ସମ୍ମୁଖ ଯୋଦ୍ଧା ତଥା ଡାକ୍ତର, ନର୍ସ, ଟେକ୍ନିସିଆନ, ରେଡିଓଲୋଜିଷ୍ଟ, ପାରାମେଡିକାଲ ଷ୍ଟାଫ, ସ୍ୱାସ୍ଥକର୍ମୀଙ୍କୁ ଉତରୀୟ ଓ ପୁଷ୍ପ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

# ରାଜ୍ୟ ଗ୍ରନ୍ଥାଗାରରେ ବ୍ୟାସକବି ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,(ପିଏନ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧୋତ୍ସବ ଓ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଦେବସ୍ନାନ ପୂର୍ଣ୍ଣିମା ଶୂନ୍ୟ ସମାଧି ଦିବସ ଅବ୍ୟବହିତ ପୂର୍ବରୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଧର୍ମଗଡ଼ ବିଧାୟକ ମୌଷଧି ବାଗ୍, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନେତା ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ସାଂସଦ ଇଂ. ମୁରଲୀଧର ଜେନା ଓ ପ୍ରଶାସକ ମାନସ ରଂଜନ ସାମଲ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପୁସ୍ତକ ପ୍ରଦର୍ଶନୀକୁ ଅନୁଶୀଳନ କରିବା ସହିତ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଫକୀର ମୋହନ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହାର ଫଳ ସ୍ୱରୂପ ଆଜି ଓଡ଼ିଆ ସାହିତ୍ୟ ବିକଶିତ ହୋଇପାରିଛି ଓ ତାହାର ଫଳ ସ୍ୱରୂପ ରାଜ୍ୟରେ ପାଠାଗାର ଆନ୍ଦୋଳନ ମଧ୍ୟ ଅଗ୍ରଗତି କରି ରାଜ୍ୟ ପାଠାଗାର ବିକାଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପଞ୍ଚସଖା ଯୁଗର ଅନ୍ୟତମ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଗୋସ୍ୱାମୀ ନିଜ ଲେଖନୀ ମୂନରେ ଶୂନ୍ୟ ସଂହିତା, ଗୋପାଳ ଓଗାଳ, କୈବର୍ତ୍ତ ଗୀତା ଓ ମାଳିକା ରଚନା କରିଛନ୍ତି । ମାଳିକାର ବିଚାର ଆଜି ମଧ୍ୟ ଆଧାତ୍ମିକ ପ୍ରେମୀଙ୍କୁ ଭବିଷ୍ୟତ ଗଣନାର ଖୋରାକ ଯୋଗାଉଛି । ପୁସ୍ତକ ପ୍ରଦର୍ଶନୀ ଦ୍ୱାରା ପାଠକ, ଗବେଷକ ଓ ଗ୍ରନ୍ଥାଗାରିକମାନଙ୍କ ମଧ୍ୟରେ ଏକ ସମନ୍ୱୟ ସେତୁ ସ୍ଥାପନ ହେଉଛି । ବିଭିନ୍ନ ପୁସ୍ତକକୁ ବିଶ୍ଳେଷଣ କରିବା ଦ୍ୱାରା ରାଜ୍ୟରେ ଗବେଷଣାଭିତ୍ତିଭୂମି ଉନ୍ନୟନ ହୋଇପାରୁଛି ବୋଲି ବକ୍ତାମାନେ ମତଦେଇ ପାଠାଗାର ମାନଙ୍କରେ ନିୟମିତ ପୁସ୍ତକ ପ୍ରଦର୍ଶନୀର ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଣମଣି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ଓ ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ଉପଜିଲ୍ଲାପାଳଙ୍କ ଆଦେଶକୁ ଡେରାବିଶ ତହସିଲଦାରଙ୍କ ଅବମାନନା ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରି ଡେରାବିଶ ତହସିଲଦାର ଏକ ବିବାଦୀୟ ବ୍ୟକ୍ତଗତ ଜମିକୁ ମାପ କରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଜିଲ୍ଲାର ଡେରାବିଶ ତହସିଲ ଅନ୍ତର୍ଗତ ଛାଞ୍ଚୁଣିଆ ଗ୍ରାମର ଖଗେଶ୍ୱର ନାୟକଙ୍କ ଗୁହାଳସିଂହ ମୌଜାରେ ଥିବା ପ୍ଲଟ ନଂ-୧୪୩୮ ଓ ୧୪୨୮ର ନକ୍ସା ସଂଶୋଧନ ପାଇଁ ରାଜ୍ୟ ଚକବନ୍ଦି କମିଶନରଙ୍କ କୋର୍ଟରେ ମାମଲା ବିଚାରାଧିନ ଅଛି । ଅନ୍ୟ ଜଣେ ବ୍ୟକ୍ତି ସେହି ଜମିକୁ କରଗତ କରିନେବା ଉଦ୍ଦେଶ୍ୟରେ ଚଞ୍ଚକତା ପୂର୍ବକ ବିବାଦୀୟ ଜମିକୁ ଚିହ୍ନଟ କରାଇନେଇ ଉଚ୍ଚା ଦରରେ ତାହାକୁ ବିକ୍ରୀ କରିଦେବାକୁ ମସୁଧା କରିଛନ୍ତି । ତେଣୁ ସଂପୃକ୍ତ ଅପରପକ୍ଷ ବ୍ୟକ୍ତି ଜଣଙ୍କ ଡେରାବିଶ ତହସିଲର ସହଯୋଗରେ ସଂପୃକ୍ତ ବିବାଦୀୟ ଜମିକୁ ଚିହ୍ନଟ(ଡିମାରକେଶନ) କରି ମାପ କରାଇନେବାକୁ ପ୍ରଚେଷ୍ଟା କରିବାରୁ ଜମି ମାଲିକ ଖଗେଶ୍ୱର ନାୟକ ତହସିଲଦାରଙ୍କ ନିକଟରେ ଆପତ୍ତି ଅଭିଯୋଗ କରି ସେଠାରେ ବିଫଳ ହେବା ପରେ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଉପଜିଲ୍ଲାପାଳ ସେହି ଘଟଣାକୁ ଗମ୍ଭୀରତାର ସହ ନେଇ ସଂପୃକ୍ତ ବିବାଦୀୟ ଜମିର ମାପବନ୍ଦ କରିବାକୁ ଡେରାବିଶ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଡେରାବିଶ ତହସିଲଦାର ଉପଜିଲ୍ଲାପାଳଙ୍କ ସେହି ଆଦେଶକୁ ଅମାନ୍ୟ କରି ରାଜସ୍ୱ ନିରୀକ୍ଷକ, ଅମିନ ଓ ଅପରପକ୍ଷଙ୍କୁ ନେଇ ସେହି ବିବାଦୀୟ ଜମିକୁ ମାପ କରିବା ବେଳେ ଜମି ମାଲିକ ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ।

# ପୁରୀ ନୀଳାଚଳ ହାଟରେ ଓଡ଼ିଶାର ସାଂସ୍କୃତିକ ବିଭବ ଓ ସାମଗ୍ରୀ ପ୍ରଦର୍ଶିତ

ଭୁବନେଶ୍ୱର, (ପି.ଏନ): ପୁରୀଠାରେ ନୀଳାଚଳ ହାଟକୁ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଲୋକାର୍ପିତ କରିଛନ୍ତି । ଏକାମ୍ର ହାଟ ଭଳି ବର୍ଷସାରା ନିରନ୍ତର ଭାବେ କାରିଗର ଓ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରିବା ଏହି ହାଟର ମୂଳ ଲକ୍ଷ୍ୟ । ୨୦୨୦ ମସିହା ଅକ୍ଟୋବର ମାସରେ, ଓଡ଼ିଶାରେ ଥିବା ଅର୍ବାନ ହାଟଗୁଡ଼ିକର ପରିଚାଳନା ଦାୟିତ୍ୱ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଜ ହାତକୁ ନେବା ପରେ, ପୁରୀ ନୀଳାଚଳ ହାଟକୁ କାରିଗର ଓ ବୁଣାକାରମାନଙ୍କର ବ୍ୟବସାୟ ଉଦ୍ଦେଶ୍ୟରେ ନୂତନ ଭାବରେ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ହସ୍ତଶିଳ୍ପ ତଥା ବୁଣାକାରମାନଙ୍କୁ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବଜାର ପାଇଁ ସୁଯୋଗ ସୃଷ୍ଟି କରିବା ଅର୍ବାନ ହାଟର ମୁଖ୍ୟ ଉଦ୍ଦେଶ୍ୟ । ଏହି ହାଟରେ ଥିବା ୩୬ଟି ଷ୍ଟଲ ଉଭୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ । ପରିଦର୍ଶକମାନେ ନୀଳାଚଳ ହାଟରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ପ୍ରକୃତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବା ସୁଯୋଗ ପାଇପାରିବେ ତଥା ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ । ଏଠାରେ ହସ୍ତଶିଳ୍ପୀ ଓ ବୁଣାଗାରମାନଙ୍କ ଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି, ଯଦ୍ଦ୍ୱାରା ପରିଦର୍ଶକମାନେ ଓଡ଼ିଶାର ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରସ୍ତୁତିପ୍ରଣାଳୀ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ । ଏହି ହାଟରେ ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ସଂସ୍ଥାମାନଙ୍କ ଷ୍ଟଲ ଖୋଲାଯାଇଛି । ନୀଳାଚଳ ହାଟରେ ମୁକ୍ତାକାଶ ଜଳପାନ ଷ୍ଟଲ ବ୍ୟବସ୍ଥା ମଧ୍ୟ କରାଯାଉଛି । ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟାନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଉପଲବ୍ଧ ହେଉଛି । ପରିଦର୍ଶକ/ପ୍ରଦର୍ଶକ/କ୍ରେତାମାନଙ୍କ ସୁବିଧା ନିମନ୍ତେ ନୀଳାଚଳ ହାଟ ପରିସରରେ ମୁକ୍ତାକାଶ ମଂଚ, ଗ୍ରୀନ୍ ରୁମ୍ ଓ ଡର୍ମିଟୋରୀ ଇତ୍ୟାଦିର ସୁବିଧା ଅଛି । ନୀଳାଚଳ ହାଟ ଏପରି ଏକ ସୁନ୍ଦର ପରିକଳ୍ପନା ଯେଉଁଠାରେ ଓଡ଼ିଶା ରାଜ୍ୟର ପୁରାତନ ସଂସ୍କୃତି ଓ ପରମ୍ପରା ସହିତ ହସ୍ତଶିଳ୍ପ ଓ ହସ୍ତତନ୍ତ ତଥା ପାରମ୍ପରିକ ସୁସ୍ୱାଦୁ ଖାଦ୍ୟକୁ ଉପଲବ୍ଧ କରାଯାଇଛି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




Bhubaneswar Tuesday June 14, 2022 ଭୁବନେଶ୍ୱର ମଙ୍ଗଳବାର, ଜୁନ ୧୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବ୍ୟକ୍ତିଗତ ଜମିରେ ଯୋର ଜବରଦସ୍ତ ପୋଲ ନିର୍ମାଣ: ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମ ପଞ୍ଚାୟତର ସନ୍ୟାସୀପୁର ଗ୍ରାମରେ କେତେକ ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଯୋର ଜବରଦସ୍ତ ପୋଲ ନିର୍ମାଣ କରାଯାଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ପୋଲ ଡ୍ରେନେଜ ବିଭାଗ ନିର୍ମାଣ କରୁଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ପୋଲ ନିର୍ମାଣ ହେବା ଯୋଗୁ ଆମେ ଚାଷ ଜମି ହରାଇବୁ। ଏଥିସହ ପୋଲ ଯେଉଁ ରାସ୍ତାରେ ହେବା କଥା ତାହା କରାଯାଉ ନାହିଁ। ଯାହା ଫଳରେ ଗ୍ରାମବାସୀ ଚାଷ କାର୍ଯ୍ୟ କରିବାରେ ସମସ୍ୟାର ସମ୍ମୁଖୀନ ହେବେ। ଏ ନେଇ ଗ୍ରାମବାସୀ ଡ୍ରେନେଜ ବିଭାଗ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବା ପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଘଟଣା ସ୍ଥଳକୁ ତଦନ୍ତ କରିବାକୁ ଯାଇଥିଲେ। ସେ ତଦନ୍ତ କରି ଦେଖିଲେ ଯେ ପୋଲ ହେବା ନେଇ ଯେଉଁ ଡିଜାଇନ ହୋଇଛି ସେଥିରେ ତ୍ରୁଟି ରହିଛି। ଏ ନେଇ ସହକାରୀ ଯନ୍ତ୍ରୀ କନିଷ୍ଠ



ଯନ୍ତ୍ରୀଙ୍କୁ ତାଗିଦ କରିଛନ୍ତି। ଅପରପକ୍ଷରେ ଠିକାଦାର ବିଭାଗର ନିର୍ଦ୍ଦେଶ ନ ମାନି କାମ ଜାରି ରଖିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଗବନ୍ଧୁ ବେହେରା, ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ ଭୋଳ, ଶଙ୍କର ବେହେରା, ପ୍ରମୋଦ ଭୋଳ, ମହନି ଭୋଳ, ଅନନ୍ତ ସ୍ୱାଇଁ, ଅକ୍ଷୟ ପ୍ରଧାନ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଅଲ୍ ଓଡିଶା ମିନି ଟ୍ରକ ମାଲିକ ସଂଘ ଉଦଘାଟିତ

ଭୁବନେଶ୍ୱର,(ପି.ଏନ) : ଅଲ୍ ଓଡିଶା ମିନିଟ୍ରକ ମାଲିକ ସଂଘ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଓଡିଶା ମୋ ପରିବାର ଓ ମିନିଟ୍ରକ ମାଲିକ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଜୀବନ ବିନ୍ଦୁ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଓଡିଶା ମୋ ପରିବାରର ଅଧ୍ୟକ୍ଷ ଅରୁପ କୁମାର ପଟ୍ଟନାୟକ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ରୁଦ୍ର ସାମନ୍ତରାୟ,ପ୍ରକାଶ ତ୍ରିପାଠୀ,ସ୍ଥାନୀୟ କର୍ପୋରେଟର ନୁର ହାସନ୍,ସଂଘ ସଭାପତି ବଳରାମ ମୋହାପାତ୍ର,ସମ୍ପାଦକ ସୁଶାନ୍ତ କୁମାର ରଣା,ପରାମର୍ଶଦାତା ଅକ୍ଷୟ କୁମାର ସ୍ୱାଇଁ,ଲୋକେଶ କୁମାର ଓ ସୌମ୍ୟ ରଂଜନ ପ୍ରଧାନ ପ୍ରମୁଖ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ସଂଘର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ସହରର ପୁରାତନ ବାଳିକା ବିଦ୍ୟାଳୟକୁ ଜମି ପଟା ମିଳିନଥିବା ଅଭିଯୋଗ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡ ନିକଟରେ ବ୍ରିଟିଶ ଅମଳରେ ନିର୍ମିତ ହୋଇଥିବା ଫ୍ରେଜର ବାଳିକା ବିଦ୍ୟାଳୟକୁ ଜମି ପଟା ମିଳିନଥିବାରୁ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗତ ଶୁକ୍ରବାର କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ଜିଲ୍ଲାର ରୂପାନ୍ତରିତ ହୋଇଥିବା ୮୦ଟି ବିଦ୍ୟାଳୟକୁ ଜମି ପଟା ବଣ୍ଟନ କରାଯାଇ ଥିବାବେଳେ ଫ୍ରେଜର ବାଳିକା ବିଦ୍ୟାଳୟ ଜମି ମାପଚୁପ ହେବା ପରେ ମଧ୍ୟ ସ୍କୁଲକୁ ଜମି ପଟା ମିଳି ନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ବିଦ୍ୟାଳୟ ଅପେକ୍ଷା ଏହି ବାଳିକା ବିଦ୍ୟାଳୟରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ସ୍କୁଲର




ପରିବେଶ ଅତ୍ୟନ୍ତ ସୁନ୍ଦର ହୋଇଥିବା ବେଳେ ଜମି ପଟା ବଣ୍ଟନରେ ଫ୍ରେଜର ବାଳିକା ବିଦ୍ୟାଳୟକୁ ଅଣଦେଖା କରାଯିବା ଘଟଣାକୁ ନେଇ ଛାତ୍ରାଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିବା ଦେଖାଦେଇଛି। ତେଣୁ ତୁରନ୍ତ ଏହି ବାଳିକା ବିଦ୍ୟାଳୟକୁ ଜମି ପଟା ପ୍ରଦାନ କରାଯିବାକୁ ଦାବି ହୋଇଛି।

# କନ୍ଧମାଳ : ମୃତ୍ୟୁ ହୋମଗାର୍ଡଙ୍କ ପରିବାରଙ୍କୁ ସହାୟତା ଜିଲ୍ଲା ହୋମଗାର୍ଡ ସଂଘ

ଫୁଲବାଣୀ,(ପି.ଏନ):ଫୁଲବାଣୀ ଆଦର୍ଶ ଟାଉନ ଥାନା ରେ କାର୍ଯ୍ୟରତ ମହିଳା ହୋମଗାର୍ଡ, ଅନୁ ବେହେରା ଙ୍କର ଗତ ତା , ୩୧ ,୦୫ , ୨୦୨୨ ରିଖ ଦିନ ଅକାଳ ବିୟୋଗ ହୋଇଥିଲା । ଫୁଲବାଣୀ ଟାଉନ ଥାନା ର ହୋମଗାର୍ଡ ସଂଘ ଏବଂ ଟାଉନ ଥାନାର ସମସ୍ତ ଶୃଙ୍ଖଳୀତ ହୋମଗାର୍ଡ ଭାଇ ଭଉଣୀ ମାନଙ୍କ ଆଲୋଚ଼ନା ଓ ସହଯୋଗ ପ୍ରକାରେ ମୃତ ଅନୁ ବେହେରା ଙ୍କ ଦଶାହ କାର୍ଯ୍ୟରେ ତାଙ୍କ ପରିବାର ଙ୍କୁ ଟାଉନ ଥାନାର ହୋମଗାର୍ଡ ସଂଘ ତରଫରୁ ,ରାସନ ସାମଗ୍ରୀ ଓ କିଛି ଆର୍ଥିକ ସହାୟତା ଦେଇ ତାଙ୍କ ପରିବାରକୁ ସାନ୍ତନା ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ପଞ୍ଜୀକୃତ ହୋମଗାର୍ଡ ସଂଘର ସଭାପତି , ପ୍ରଭାତ କୁମାର୍ ସାହାଣି ,ଉପ ସଭାପତି ,ବିରାଜ କୁମାର ପ୍ରଧାନ, କାର୍ଯ୍ୟକାରି ସଭାପତି , ଅଖୟ କୁମାର ରାୟ କୋଷାଧ୍ୟକ୍ଷ ,ଏସ୍ କେ,ରିହାଜୁଦିନ, ଏବଂ ଟାଉନ ଥାନା ହୋମଗାର୍ଡ ସଂଘ ସଭାପତି ରାଜ୍ କୁମାର୍ ବେହେରା, ଉପସଭାପତି, ସାଫ୍ରିନ ଖାନ୍,,ସହ ସମ୍ପାଦକ ଚ଼ିଦାନନ୍ଦ ଦାସ , କୋଷାଧ୍ୟକ୍ଷ ଜୟନ୍ତୀ ଚୌଧୁରୀ ,ଉପ କୋଷାଧ୍ୟକ୍ଷ ଭଜରାମ ନାୟକ,ଏବଂ ସଂଘର କର୍ମକର୍ତା ସରୋଜ ଦାସ, ସୁନିତା ପାତ୍ର, ଶୋରସ୍ୱତୀ ନାୟକ,ଭାଗ୍ୟଲତା ନାୟକ,ଏବଂ ଅନ୍ୟାନ୍ୟ ଶୃଙ୍ଖଳୀତ ହୋମଗାର୍ଡ ଭାଇ ଭଉଣୀ ମାନେ ଉପସ୍ଥିତ ଥିଲେ । କିନ୍ତୁ ଦୁଃଖର ବିଷୟ




, ଜୀବନସାରା ପୋଲିସ୍ ବିଭାଗରେ ହୋମଗାର୍ଡ ଭାବରେ ରହି ନିଜ ଜୀବନ କୁ ବାଜି ଲଗାଇ ରାଜ୍ୟ ସରକାର ଙ୍କୁ ସହଯୋଗ କରିଆସୁଥିଲେ ମଧ୍ୟ ସରକାର କୌଣସି ହୋମଗାର୍ଡ କର୍ମଚ଼ାରୀ ମାନଙ୍କ ର ଦୁଃଖ ବୁଝୁନ ଥିବା ଅଭିଯୋଗ ହେଉଛି । କୈଣସି ହୋମଗାର୍ଡ ଭାଇ ଭଉଣୀ ଜଦି ଅବସର ନିଅନ୍ତି, କି,ମୃତ୍ୟୁ ବରଣ କରନ୍ତି ତାଙ୍କ ପରିବାରକୁ ସରକାରଙ୍କ ତରଫରୁ କୈଣସି ଆର୍ଥିକ ସହାୟତା ଏବଂ ପରିବାର ର କୌଣସି ସଦସ୍ୟ ଙ୍କୁ ଚ଼ାକିରୀ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ନାହିଁ । କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ହୋମଗାର୍ଡ ମୃତ୍ୟୁ ବରଣ କରିଥିଲେ ମଧ୍ୟ ତାଙ୍କ ପରିବାର ଙ୍କୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳିପାରୁନାହିଁ । ଏ ବାବଦରେ ଜିଲ୍ଲା ଗୃହରକ୍ଷୀ ଆର୍ ଆଇ ଦାୟିତ୍ୱ ରେ ଥିବା ସୁବେଦାର ଧର୍ମେନ୍ଦ୍ର ପ୍ରଧାନ ଏବଂ ଜିଲ୍ଲା ଆରକ୍ଷୀ କ ଅଧିକାରୀ ଙ୍କୁ ବାରମ୍ବାର ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ବିଫଳ ହେଇଛନ୍ତି । ରାଜ୍ୟ ସରକାର ଙ୍କର ଏ ସବୁ ସୁବ୍ୟବସ୍ତା ନଥିବାରୁ ଅବସର ନେଇଥିବା ହୋମଗାର୍ଡ ପରିବାର ଏବଂ ମୃତ୍ୟୁବରଣ କରିଥିବା ହୋମଗାର୍ଡ ପରିବାର ବିଭିନ୍ନ ଅସୁବିଧାର ସମ୍ମୁଖିନ ଭୋଗୁଛନ୍ତି । ସେହିପରି ଦିନକୁଦିନ ସମସ୍ତ ସାମଗ୍ରୀ ତଥା ପନିପରିବା , ରାସନ ସାମଗ୍ରୀ ଦରଦାମ ବୃଦ୍ଧି ପାଉଥିବା ବେଳେ ହୋମଗାର୍ଡ ଚ଼ାକିରୀଆ ଙ୍କର ଦରମା ବୃଦ୍ଧି ହୋଇପାରୁ ନାହିଁ । ସେଥି ସକାସେ କନ୍ଧମାଳ ଜିଲ୍ଲାର ମଞ୍ଜୁଲତା ଏବଂ କିଛି ଶୃଙ୍ଖଳୀତ ହୋମଗାର୍ଡ ଭାଇ ମାନେ ଆଇନୀଗତ ଭାବରେ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସରଳ ସମାଧାନ କରିବା ପାଇଁ ୨୦୧୯, ମସିହାରେ ହାଇକୋର୍ଟରେ କେସ୍ କରି ଡିଗ୍ରୀ କରିଥିଲେ । କିନ୍ତୁ ହାଇକୋର୍ଟ ନୈକ, ଭତା ୫୩୩ ଟଙ୍କା ହୋମଗାର୍ଡ ମାନଙ୍କୁ ଦେବାପାଇଁ ସରକାର ଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାଜ୍ୟ ସରକାର ହାଇକୋର୍ଟ ଙ୍କ ନିର୍ଦ୍ଦେଶ କୁ ଅବମାନନା କରିବା ହେତୁ ବର୍ତ୍ତମାନ ଷ୍ଟେଟ ହ୍ୟୁମାନରାଇଟ୍ ମିସନ ସଭାପତି ,ଦିଲ୍ଲିପ କୁମାର ଧଳ,ମହିଳା ସଭାପତି ଆରତୀ ମଙ୍ଗରାଜ, ଏବଂ ହ୍ୟୁମାନରାଇଟ୍ ମିସନ ଚ୍ୟାରମେନ , ସୁପ୍ରିମକୋର୍ଟ ଆଇନ ଜୀବି ଶୀଖର ଶୀବାସ୍ତଙ୍କ ସହଯୋଗ କ୍ରମ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଓଡ଼ିଶା କଟକ ,ସଭାପତି ରଞ୍ଜନ କୁମାର ମଲିକ, ଉପ ସଭାପତି ସୁସାନ୍ତ କୁମାର ପ୍ରଧାନ ସମ୍ପାଦକ ,ବିଚ଼ିତ୍ରନନ୍ଦ ବିଶ୍ୱାଳଙ୍କ ମାଧ୍ୟମରେ ମଞ୍ଜୁଲତା ନାୟକଙ୍କ ହାଇକୋର୍ଟ ଡିଗ୍ରୀ କେସ୍ ବର୍ତ୍ତମାନ ସୁପ୍ରିମକୋର୍ଟରେ ଫାଇଲ କରାଯାଇଛି । ସୁପ୍ରିମକୋର୍ଟ ଜୁନ ମାସରେ ସରକାର ଙ୍କୁ ମାସିକ ଗୃହରକ୍ଷୀ ମାନଙ୍କ ଦରମା – ୨୧ , ୭୦୦ ଟଙ୍କା ଦେବାପାଇଁ ନିର୍ଶେ ଦେଇ ଛନ୍ତି । ଏବଂ ଏହାର ପୂର୍ଣବିଚ଼ାର କରିବାପାଇଁ ସୁପ୍ରିମକୋର୍ଟ ଛୁଟି ଖୋଲିବା ପରେ ହୋମଗାର୍ଡ ମାନଙ୍କ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

# କୋଣାର୍କରେ ରଜ ଉତ୍ସବ-୨୦୨୨ ପାଇଁ ସମସ୍ତ ପ୍ରସ୍ତୁତି ଶେଷ

କୋଣାର୍କ,(ପି.ଏନ): କୋଣାର୍କ ସ୍ଥିତ ମା’ ଭଗବତୀଙ୍କ ପୀଠରେ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ଚାରିଦିନିଆ ରଜ ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାଶ୍ଚାତ୍ୟ ସଂସ୍କୃତିର ଚାକଚକ୍ୟତାର ପ୍ରଭାବରେ ଏବେ ଗ୍ରାମାଞ୍ଚଳମାନଙ୍କରେ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜପର୍ବ ସ୍ୱତନ୍ତତା ହରାଇଥିବା ବେଳେ ବିଗତ ୨୧ ବର୍ଷ ଧରି କୋଣାର୍କର ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ଆର୍କଶ୍ରୀର ସଂପାଦକ ଉମେଶ ସ୍ୱାଇଁଙ୍କ ଉଦ୍ୟମରେ ଆୟୋଜିତ ହୋଇଆସୁଛି ପରବ ରାଣୀ ରଜ ଉତ୍ସବ । ଚଳିତ ବର୍ଷ ୨୨ତମ ରଜ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ପୀଠ ହୋଇ ଉଠିଛି ଚଳଚଞ୍ଚଳ । ମହାମାରି କରୋନା କୋନ୍ଦ୍ର ଓ ରାଜ୍ୟ ସରକାରଙ୍କ କଟକଣା ପାଇଁ ଗତ ଦୁଇବର୍ଷ ମା’ ଭଗବତୀଙ୍କ ପୀଠରେ ସାମୁହିକ ଭାବେ ଏହି ଗଣ ପର୍ବ ପାଳନ ହୋଇ ନଥିଲେ ମଧ୍ୟ ଅର୍କଶ୍ରୀର ଶିଶୁ ବାଟିକାରେ ବିଧି ରକ୍ଷା ପାଇଁ ସ୍ୱଳ୍ପ ସଂଖ୍ୟକମା ଝିଅ ବୋହୁଙ୍କୁ ନେଇ



ପାଳିତ ହୋଇଥିଲା ରଜଉତ୍ସବ । ଚଳିତ ବର୍ଷ ରଜ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ମା’ଙ୍କ ପୀଠରେ ଥିବା ବିଶାଳକାୟ ବଟବୃକ୍ଷର ଶାଖା ପ୍ରଶାଖାରେ ଝୁଲୁଛି ଶତାଧିକ ଦୋଳ. ହସ୍ତ ଶିଳ୍ପ ସାମଗ୍ରୀର ବଜାର । ଆବାଳବୃଦ୍ଧବନିତା ଉତ୍ସବ ସ୍ଥଳିରେ ସମବେତ ହୋଇ ଝୁଲିବେ ରଜ ଦୋଳି । ମହିଳା ଓ ଯୁବତୀମାନେ ପରସ୍ପରକୁ ଅଳତା ଲଗାଇ ହୋଇବେ ରଜସଜବାଜ । ଉତ୍ସବସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମୁଢ଼ି ଓ ରଜପାନର ଷ୍ଟଲ ମାନ ଖୋଲିବାର ବ୍ୟବସ୍ଥା କରାଯାଇଛି । ଚାରିଦିନିଆ ଏହି ଉତ୍ସବର ପ୍ରତ୍ୟକ ଦିବସରେ ବିଭିନ୍ନ ପ୍ରକାର ପାରମ୍ପରିକ ପ୍ରତିଯୋଗୀତା ହୁଳହୁଳି, କାନ୍ଦଣା, ଝୋଟି, ତାସ, ଲୁଡୁ, ମେହେନ୍ଦି, ପୁଚି, ନଡ଼ିଆ ଲଢ଼େଇ ପ୍ରଭୃତି ଆୟୋଜିତ ହୋଇ ଉତ୍ସବ ସ୍ଥଳୀକୁ ରଜମୌଜରେ ଉଲ୍ଲସିତ କରିବା ପାଇଁ ସ୍ଥିର ହୋଇଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସମାଜର ବିଭିନ୍ନ କ୍ଷତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆୟୋଜକ କମିଟି ପକ୍ଷରୁ ଅର୍କଶ୍ରୀ ଓ ଅର୍କପ୍ରଭା ସମ୍ମାନରେ ସମ୍ମାନିକ କରାଯିବ । ଚାରିଦିନ ବ୍ୟାପି ଏହି ଉତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ କୋଣାର୍କ ପୁଲିସି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣ ଏହି ରଜ ଉତ୍ସବରେ ଭାଗ ନେଇ ରଜ ମୌଜରେ ନିଜକୁ ହଜାଇ ଦେବା ପାଇଁ ଆୟୋଜକ କମିଟିର ସଦସ୍ୟମାନେ ଅନୁରୋଧ କରୁଛନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray